• Vol.- 46, Issue No. 125
• Tuesday, 4 August 2026
• ମଙ୍ଗଳବାର, ୪ ଅଗଷ୍ଟ ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




### କୃପାଳୁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

# ଯୁବପିଢ଼ି ଆମ ପାଇଁ ବଡ଼ ସମ୍ପତ୍ତି

- ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଜରୁରୀ
- ସଚ୍ଚୋଟତା, ସମ୍ବେଦନଶୀଳତା ଓ ଜାତୀୟ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧତା ଉପରେ ଗୁରୁତ୍ୱ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟବାସୀଙ୍କ ରହିଛି ଆଶା ଓ ଉତ୍ସାହ: ମୁଖ୍ୟମନ୍ତ୍ରୀ

କଟକ,୩।୮(ନିପ୍ର): ବିଶ୍ୱବିଦ୍ୟାଳୟଗୁଡ଼ିକ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ ଯେଉଁଠାରେ ଯୁବକମାନେ ସେମାନଙ୍କର ପ୍ରତିଭା ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଏବଂ ଆକାଂକ୍ଷାକୁ ସାକାର କରିପାରିବେ । ସୋମବାର ଓଡ଼ିଶାର କଟକ ଜିଲ୍ଲାରେ ଜଗଦ୍‌ଗୁରୁ କୃପାଳୁ ଜୀ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଭାରତ ବିଶ୍ୱର ସବୁଠାରୁ ଯୁବପିଢ଼ି ଜନସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର କରିବା ପାଇଁ, ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବକମାନେ ସେମାନଙ୍କର ପ୍ରତିଭା ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଏବଂ ଆକାଂକ୍ଷାକୁ ସାକାର କରିପାରିବେ। ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବା ଉଚିତ। ବିଶ୍ୱବିଦ୍ୟାଳୟଗୁଡ଼ିକ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ନାଗରିକମାନଙ୍କୁ ଗଠନ କରିବାର ଦାୟିତ୍ୱ ବହନ କରନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ମୁର୍ମୁଙ୍କ ଅନୁଯାୟୀ, ଯୁବକମାନଙ୍କ ଅର୍ଜିତ ଜ୍ଞାନ ସେତେବେଳେ ପ୍ରକୃତରେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହାକୁ ମାନବତାର ସେବା, ସମାଜର କଲ୍ୟାଣ ଏବଂ ରାଷ୍ଟ୍ରର ପ୍ରଗତିରେ ବ୍ୟବହାର କରାଯାଏ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନର କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟ ବିକଶିତ ଚିନ୍ତାଧାରା ଏବଂ ପ୍ରଯୁକ୍ତିବିଦ୍ୟା ସମାଜର ଆବଶ୍ୟକତାକୁ ପୂରଣ କରେ। ଆଧୁନିକ ଜ୍ଞାନକୁ ଗ୍ରହଣ କରିବା ସହିତ, ଛାତ୍ରଛାତ୍ରୀମାନେ ନୈତିକ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ରହିବା ଉଚିତ ବୋଲି ସେ କହିଥିଲେ। ରାଷ୍ଟ୍ରପତି ତାଙ୍କ ଭାଷଣରେ ଓଡ଼ିଶାକୁ ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ଏକ ସମୃଦ୍ଧ ପରମ୍ପରାର ଭୂମି ଭାବରେ ପ୍ରଶଂସା କରିଥିଲେ। ଶହ ଶହ ବର୍ଷ ଧରି ପ୍ରଭୁ ଜଗନ୍ନାଥଙ୍କ ଏହି ପବିତ୍ର ଭୂମି ଅନ୍ତର୍ଭୁକ୍ତି, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରସାର କରିଆସିଛି ବୋଲି ସେ କହିଥିଲେ। ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମପତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ସେ ଆମ ମାଟିର ଗର୍ବ ଓ ଦେଶର ପ୍ରଥମ ନାଗରିକ। ତାଙ୍କ ଉପସ୍ଥିତି ଓଡ଼ିଶାବାସୀଙ୍କ ହୃଦୟରେ ଉତ୍ସାହ, ଆଶା ଓ ପ୍ରେରଣା ଭରି ଦେଇଛି।

# ୧୧୦ କୋଟି ପ୍ରାରମ୍ଭିକ ବନ୍ୟା ସହାୟତା

### ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ
- ଘରଭଙ୍ଗା,ଫସଲ ଓ ପ୍ରାଣୀଧନ କ୍ଷୟକ୍ଷତି ପାଇଁ ମିଳିବ ସହାୟତା
- ସଂପୂର୍ଣ୍ଣ ଘର ଭାଙ୍ଗିଥିଲେ ଲକ୍ଷେ ୨୦ ହଜାର
- ଅଣଜଳସେଚିତ ଜମି ହେକ୍ଟର ପିଛା ୮,୫୦୦ ଟଙ୍କା
- ୨୨ ଜିଲ୍ଲାର ୧୪୫୮ ଗ୍ରାମ ପ୍ରଭାବିତ
- ୬ ମୃତକଙ୍କ ଆତ୍ମୀୟଙ୍କୁ ମିଳିବ ମୋଟ ୨୪ ଲକ୍ଷ



ଭୁବନେଶ୍ୱର,୩।୮(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡ଼ାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ। ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଂଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ। ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟତମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା: ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ, ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଇତିମଧ୍ୟରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲାମାନଙ୍କୁ ୨୬ କୋଟି ଟଙ୍କାର ଅଗ୍ରିମ ସହାୟତା ପ୍ରଦାନ କରାଯାଇଛି।

### କେନ୍ଦ୍ର ସରକାରଙ୍କୁ 'ସୁପ୍ରିମ୍' ନିର୍ଦ୍ଦେଶ

## ପଥଚାରୀଙ୍କ ପାଇଁ ସ୍ଥାନ ସଠିକ୍ ଚିହ୍ନଟ କରନ୍ତୁ



ନୂଆଦିଲ୍ଲୀ,୩।୮: ପଥଚାରୀ ଚାଲିବା ପାଇଁ ଦେଶରେ ପ୍ରତ୍ୟେକ ରାସ୍ତାକୁ ଅବରୋଧମୁକ୍ତ କରାଯାଉ।ସୁପ୍ରିମ୍‌କୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ପିଏସ୍ ନରସିଂହ ଓ ଆଲୋକ ଆରାଧେଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ କେଏମ୍ ନଟରାଜଙ୍କୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ କହିଛନ୍ତି, ଯାହାଦ୍ୱାରା ପଥଚାରୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯିବ ଏବଂ ସେହି ସ୍ଥାନକୁ ଅବରୋଧମୁକ୍ତ କରାଯିବ। ଖଣ୍ଡପୀଠ କହିଛନ୍ତି, ବଡ଼ ଧରଣର ବିନିଯୋଗ କିମ୍ବା ନିର୍ମାଣର ଆବଶ୍ୟକତା ନାହିଁ। କେବଳ ପଥଚାରୀଙ୍କ ପାଇଁ ସ୍ଥାନକୁ ସଠିକ୍ ଭାବେ ଚିହ୍ନଟ କରନ୍ତୁ। ମାମଲାର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ ହେବ।

## ବନ୍ୟା ପ୍ରକୋପ ହ୍ରାସ ପାଇଛି: ସର୍ବୋଚ୍ଚ ଯନ୍ତ୍ରୀ


### ବର୍ଷା ନେଇ ଆଇଏମ୍‌ଡି ଏଯାଏଁ ଆକଳନ କରିନି

ଭୁବନେଶ୍ୱର,୩।୮(ନିପ୍ର): ରାଜ୍ୟରେ ବନ୍ୟା ପ୍ରକୋପ ହ୍ରାସ ପାଇଛି ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ସେ କହିଛନ୍ତି ଯେ ମହାନଦୀର ଉପର ମୁଣ୍ଡରେ କି ତଳ ମୁଣ୍ଡରେ ବର୍ଷା ନାହିଁ। ସୋମବାର ହୀରାକୁଦ ଜଳସ୍ତର ୬୨୦.୭୭ ଫୁଟ ରହିଛି। ବର୍ତ୍ତମାନ ହୀରାକୁଦରୁ ୩ ଲକ୍ଷ ୩ ହଜାର କ୍ୟୁସେକ୍ ଜଳ ଛଡ଼ା ଯାଉଛି। ମୁଣ୍ଡଳିରେ ୫ ଲକ୍ଷ ୮୨ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ୫ ତାରିଖ ପରେ ବର୍ଷା ଅଛି ବୋଲି କିଛି ଅନ୍ତର୍ଜାତୀୟ ମଡେଲ କହୁଛି। ମାତ୍ର ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡ଼ି)ଏଯାଏଁ କୌଣସି ଆକଳନ କରିନାହିଁ। ତେବେ ଏଲନିନୋ ପାଇଁ ଆମକୁ ସତର୍କ ରହିବାକୁ ପଡିବ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ। ମିଳିଥିବା ସୂଚନାନୁଯାୟୀ ଏବେ ହୀରାକୁଦର ୧୩ ଟି ଗେଟ୍ ଜଳ ନିଷ୍କାସିତ ହେଉଛି।

### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ୟୁନେସ୍କୋରେ ସାମିଲ ହେଉ ପୁରୀ ରଥଯାତ୍ରା

ଭୁବନେଶ୍ୱର/ପୁରୀ ୩।୮(ନିପ୍ର): ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖିଛନ୍ତି । ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ମାନବଜାତିର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ; ଏହା ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା, ସର୍ବସମାବେଶୀ ଚେତନା, ଆଧ୍ୟାତ୍ମିକତା, ପାରମ୍ପରିକ କାରିଗରୀ, ସଙ୍ଗୀତ, ନୃତ୍ୟ ଏବଂ ସାମୂହିକ ଜନ ଅଂଶଗ୍ରହଣର ଏକ ଚିରନ୍ତନ ସଭ୍ୟତାଗତ ପରମ୍ପରାରପ୍ରତୀକ। ଶତାବ୍ଦୀ ଧରି ପାଳିତ ହୋଇଆସୁଥିବା ଏହି ମହାପର୍ବ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି ଏବଂ ଭାରତର ଜୀବନ୍ତ ସାଂସ୍କୃତିକ ଐତିହ୍ୟରଏକ ଅନନ୍ୟ ପ୍ରତୀକ ଭାବେ ପରିଚିତ।



# ବିହାରରେ ବିଜେପି ହାତରୁ ଗଲା ବାଙ୍କିପୁର

- ପ୍ରବେଶ କଲେ ପ୍ରଶାନ୍ତ କିଶୋର
- ଗୁଜରାଟରେ ଜିତିଲା ବିଜେପି, ମଧ୍ୟପ୍ରଦେଶରେ କଂଗ୍ରେସ



ନୂଆଦିଲ୍ଲୀ,୩।୮: ବିହାର, ମଧ୍ୟପ୍ରଦେଶ ଓ ଗୁଜରାଟରେ ନିକଟରେ ଅନୁଷ୍ଠିତ ୩ ବିଧାନସଭା ଆସନ ଉପନିର୍ବାଚନର ଫଳାଫଳ ଆସିଛି। ତେବେ ବାଙ୍କିପୁର ବିଧାନସଭା ଆସନରେ, ବିଜେପି ପ୍ରାର୍ଥୀଙ୍କୁ ହରାଇ ବିଜୟୀ ହୋଇଛନ୍ତି ଜନ ସୁରାଜ ଦଳର ମୁଖ୍ୟ ପ୍ରଶାନ୍ତ କିଶୋର(ପିକେ) । ଜନ ସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର ସୋମବାର କୌଣସି ରାଜନୈତିକ ମେଣ୍ଟରେ ଯୋଗଦେବାର ସମ୍ଭାବନାକୁ ଖାରଜ କରିଛନ୍ତି। ପିକେ ଦାବି କରିଛନ୍ତି ଯେ ବାଙ୍କିପୁର ବିଧାନସଭା ଉପନିର୍ବାଚନରେ ତାଙ୍କର ବିଜୟ ବିଜେପି, କଂଗ୍ରେସ ଏବଂ ଆରଜେଡି ଭଳି ଦଳର ଅସନ୍ତୁଷ୍ଟ ସମର୍ଥକଙ୍କ 'ସମର୍ଥନ' ଯୋଗୁଁ ସମ୍ଭବ ହୋଇପାରିଛି। ବାଙ୍କିପୁରରେ କିଶୋର ବିଜେପିର ନୀରଜ କୁମାରଙ୍କୁ ୧୯,୩୨୪ ଭୋଟରେ ପରାସ୍ତ କରିଛନ୍ତି, ଯେଉଁଠାରେ ବିଜେପି ୧୯୯୫ ମସିହାରୁ ଜିତି ଆସୁଥିଲା। ପିକେ ପାଇଛନ୍ତି ୬୪ ହଜାର ୪୫୧ ଭୋଟ। ମଧ୍ୟପ୍ରଦେଶର ଦାତିଆ ବିଧାନସଭା ଉପନିର୍ବାଚନରେ ବିଜେପିର ଆଶୁତୋଷ ତିୱାରୀଙ୍କୁ ପରାସ୍ତ କରିବା ପରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ଆନୁଷ୍ଠାନିକ ଭାବରେ ତାଙ୍କର ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଶ୍ରୀ ସିଂହ ୬୬,୭୫୭ ଭୋଟ ପାଇଥିବା ବେଳେ ତିୱାରୀ ୬୦,୭୪୧ ଭୋଟ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କୁ ୬,୦୧୬ ଭୋଟର ବିଜୟ ବ୍ୟବଧାନ ହୋଇଛି। ସେହିପରି ଗୁଜରାଟର ଭଦୋଦରା ଜିଲ୍ଲାର ମଞ୍ଜଲପୁର ବିଧାନସଭା ଆସନକୁ ବିଜେପି ବଜାୟ ରଖିଛି। ଏହି ଆସନର ପ୍ରାର୍ଥୀ ସତୀଶ ପଟେଲ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭିଖାଭାଇ ରାବାରୀଙ୍କୁ ୩୦ହଜାରରୁ ଅଧିକ ଭୋଟରେ ପରାସ୍ତ କରିଛନ୍ତି। ତେବେ ବିହାର ଉପନିର୍ବାଚନରେ ବିଜେପିକୁ ପିକେଙ୍କ ଝଟକା ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ୨୦୨୫ରେ ବିହାରର ୨୪୩ ବିଧାନସଭା ଆସନରୁ ୨୦୨ଟିରେ ବିଜୟୀ ହୋଇଥିଲା ଏନଡିଏ ମେଣ୍ଟ । ହେଲେ, ଏହି ୧୦ ମାସ ଭିତରେ ବିହାର ରାଜନୈତିକ ଦୃଶ୍ୟପଟ୍ଟ ବଦଳି ଯାଇଛି । ବିହାରରେ ବିଜେପିର ବିଜୟ ଧାରାରେ ରୋକ ଲାଗିଛି ବ୍ରେକ୍। ବାଙ୍କିପୁର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଗଡ଼ ଭାବରେ ଜଣାଶୁଣା। ପ୍ରଶାନ୍ତଙ୍କ ବିଜୟ ପରେ ତାଙ୍କ ସମର୍ଥକଙ୍କ ଖୁସିର ମାହୋଲ ଖେଳି ଯାଇଛି । ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସେ ନିଶାଣ କରିଛନ୍ତି। ପ୍ରାୟ ଦୁଇ ମାସ ତଳେ ତାମିଲନାଡୁରେ ବିଜୟ ଥାଲାପତି ସମସ୍ତଙ୍କୁ ଚକମା ଦେଇଥିଲେ । ଉଲ୍ଲେଖ ଯୋଗ୍ୟଯେ ବାଙ୍କିପୁର ବିଧାନସଭା ଆସନରୁ ୨୦୦୬ରୁ ନିର୍ବାଚିତ ହୋଇ ଆସୁଥିଲେ ନୀତିନ ନବୀନ । ସେ ରାଜ୍ୟସଭାକୁ ନିର୍ବାଚିତ ହୋଇ ଯିବା ପରେ ଏହି ଆସନ ଖାଲି ପଡ଼ିଥିଲା । ଜୁଲାଇ ୩୦ରେ ଉପନିର୍ବାଚନ ହୋଇଥିଲା। ପ୍ରଶାନ୍ତଙ୍କ ବିଜୟ ପଛରେ ଯୁବବର୍ଗର ସମର୍ଥନ ମୁଖ୍ୟ କାରଣ କି ଆଉ କିଛି ତାହାକୁ ନେଇ ରାଜନୈତିକ ମହଲରେ ଅଙ୍କକଷା ଆରମ୍ଭ ହୋଇଛି।

### ମହିଳା ମଲ୍ଲଯୋଦ୍ଧାଙ୍କୁ ଯୌନ ନିର୍ଯାତନା ମାମଲା

## ଦୋଷମୁକ୍ତ ହେଲେ ବ୍ରଜଭୂଷଣ



ନୂଆଦିଲ୍ଲୀ, ୩।୮: ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋମବାର ମହିଳା ମଲ୍ଲଯୋଦ୍ଧାଙ୍କ ଯୌନ ଶୋଷଣ ମାମଲାରେ ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ସଭାପତି ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ନେତା ବ୍ରଜଭୂଷଣ ଶରଣ ସିଂହ ଏବଂ ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ସଚିବ ବିନୋଦ ତୋମରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଅଶ୍ୱିନୀ ପନୱାର ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଜୁଲାଇ ୨ ପାଇଁ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। କୋର୍ଟ ୭ ଜୁଲାଇ ୨୦୨୩ ରେ ଦିଲ୍ଲୀ ପୋଲିସର ଚାର୍ଜସିଟ୍ ଉପରେ ବିଚାର କରିଥିଲେ। ଦିଲ୍ଲୀ ପୋଲିସ ୧୫ ଜୁନ ୨୦୨୩ ରେ ଚାର୍ଜସିଟ୍ ଦାଖଲ କରିଥିଲା। ଚାର୍ଜସିଟ୍‌ରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୫୪, ୩୫୪ଡି, ୩୫୪ଏ ଏବଂ ୫୦୬ (୧) ଅନୁଯାୟୀ ଅଭିଯୋଗ ଥିଲା।

# କୈଳାସ ପର୍ବତର ଅସମାହିତ ରହସ୍ୟ




- ସେଠାକାର ପବନରେ ଓଁ ଏବଂ ଡମ୍ବରୁର ଧ୍ୱନି ଗୁଞ୍ଜରିତ ହେଉଥିବା ଲୋକେ ବିଶ୍ୱାସ କରନ୍ତି
- ଭଗବାନ ଶିବଙ୍କର ନିବାସସ୍ଥଳ ବା ସାଧନା ସ୍ଥଳ କୁହାଯାଉଥିବା କୈଳାସ ପର୍ବତକୁ ଆଜି ପର୍ଯ୍ୟନ୍ତ କେହି ପହଞ୍ଚି ପାରିନାହାନ୍ତି
- ଶିବ ପୁରାଣରେ ଲେଖା ଅଛି, କୈଳାସ ଏପରି ଏକମାତ୍ର ସ୍ଥାନ, ଯେଉଁଠାରେ କେବଳ ଶରୀର ନୁହେଁ ବରଂ ଆତ୍ମା ପ୍ରବେଶ କରିପାରିବ

ହିନ୍ଦୁ ଧର୍ମରେ କୈଳାସ ପର୍ବତର ନିଜସ୍ୱ ଗୁରୁତ୍ୱ ଅଛି । କୈଳାସ ପର୍ବତ ଉପରେ ମହାଦେବ ଶିବ, ମାତା ପାର୍ବତୀ, ଦୁଇ ପୁତ୍ର ଗଣେଶ ଓ କାର୍ତ୍ତିକେୟଙ୍କ ସହ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ । ରାମାୟଣର କିଷ୍କିନ୍ଧା କାଣ୍ଡ ଏବଂ ମହାଭାରତର ଭୀଷ୍ମ ପର୍ବ, ଦ୍ରୋଣ ପର୍ବ, ବନ ପର୍ବ ଓ ଅନୁଶାସନ ପର୍ବରେ କୈଳାସ ପର୍ବତର ଉଲ୍ଲେଖ ରହିଛି । ଏହିଠାରେ ମହାପ୍ରତାପୀ ରାବଣର ଅହଙ୍କାର ଚୁନା ହୋଇଥିବା କୁହାଯାଏ । କୈଳାସ ପର୍ବତ... ଏପରି ଏକ ଦିବ୍ୟ ସ୍ଥାନ ଯେଉଁଠି ସମୟ ଅଟକିଯାଏ, ଯେଉଁଠାରେ ପବନର ଗତିପଥ ବଦଳିଯାଏ..ଯେଉଁଠାରେ ଏକା ଥିଲେ ମଧ୍ୟ ଏକୁଟିଆ ଅନୁଭବ ହୁଏନି । ଯେଉଁଠାରେ ପର୍ବତର ନୀରବତାରେ ମଧ୍ୟ ଏକ ରହସ୍ୟମୟ ଧ୍ୱନି ପ୍ରତିଧ୍ୱନିତ ହୁଏ। ଏଠାକାର ପବନରେ ଓଁ ଏବଂ ଡମ୍ବରୁର ଧ୍ୱନି ଗୁଞ୍ଜରିତ ହେଉଥିବା ଲୋକେ ବିଶ୍ୱାସ କରନ୍ତି । କିଛି ବୈଜ୍ଞାନିକଙ୍କ କହିବା କଥା, ବରଫ ପାହାଡରେ ପବନ ବାଡ଼େଇ ହୋଇ ବରଫ ତରଳିବାକୁ ଲାଗେ, ସେତେବେଳେ ଏହି ଧ୍ୱନି ବାହାରିଥାଏ । ତେବେ ବିଜ୍ଞାନ ଯାହା କହୁନା କାହିଁକି, ଆଜି ପର୍ଯ୍ୟନ୍ତ କୈଳାସ ଏକ ରହସ୍ୟମୟ ସ୍ଥାନ ହୋଇ ରହିଛି । ହିମାଳୟର କୋଳରେ ସ୍ଥିତ ଏହି ଦିବ୍ୟ ଶିଖର କେବଳ ଏକ ପର୍ବତ ନୁହେଁ, ଏହା ଏକ ଜୀବନ୍ତ ରହସ୍ୟ । ଏଠାରେ ଥିବା ପ୍ରତ୍ୟେକ ପଥର, ପ୍ରତ୍ୟେକ ବରଫର ସ୍ତର, ପ୍ରତ୍ୟେକ ସ୍ଥାନ କିଛି କହେ... କିନ୍ତୁ ସମସ୍ତେ ସେହି ଅଲୌକିକ ବାର୍ତ୍ତାକୁ ଅନୁଭବ କରିପାରନ୍ତି ନାହିଁ । ଭଗବାନ ଶିବଙ୍କର ନିବାସସ୍ଥଳ ବା ସାଧନା ସ୍ଥଳ କୁହାଯାଉଥିବା କୈଳାସ ପର୍ବତକୁ ଆଜି ପର୍ଯ୍ୟନ୍ତ କେହି ପହଞ୍ଚି ପାରିନାହାନ୍ତି । ବିଶ୍ୱର ସବୁଠାରୁ ଉଚ୍ଚ ପର୍ବତ ମାଉଣ୍ଟ ଏଭରେଷ୍ଟ ଠାରୁ ଏହି ପର୍ବତ ୨୦୦୦ ମିଟର ଛୋଟ । ଏହି ପବିତ୍ର ସ୍ଥଳରେ ଶିବ ଏବଂ ଶକ୍ତି ସାକ୍ଷାତ ବିଦ୍ୟମାନ ଥିବା କୁହାଯାଏ । ଶିବ ପୁରାଣରେ ଲେଖା ଅଛି, କୈଳାସ ଏପରି ଏକମାତ୍ର ସ୍ଥାନ, ଯେଉଁଠାରେ କେବଳ ଶରୀର ନୁହେଁ ବରଂ ଆତ୍ମା ପ୍ରବେଶ କରିପାରିବ। କୈଳାସର ପାଦ ଦେଶରେ ରହିଛି ଦୁଇଟି ହ୍ରଦ, ଗୋଟିଏ ଦୁନିଆର ସବୁଠୁ ଉଚ୍ଚରେ ଥିବା କୈଳାସ ମାନସରୋବର ହ୍ରଦ ଏବଂ ଅନ୍ୟଟି ରାକ୍ଷସତାଲ୍, ଯାହାକୁ ପୃଥିବୀର ସବୁଠାରୁ ଲୁଣିଆ ହ୍ରଦ କୁହାଯାଏ । ମାନସରୋବରର ରଙ୍ଗ ଋତୁ ଅନୁସାରେ ବଦଳୁଥାଏ । ମାନସରୋବରର ଜଳ ସବୁବେଳେ ସ୍ଥିର ରହୁଥିବାବେଳେ ରାକ୍ଷସତାଲ ସବୁବେଳେ ଅଶାନ୍ତ ଥାଏ, ତେଣୁ ଏଠାକୁ ପ୍ରାୟତଃ କେହି ଯାଆନ୍ତିନାହିଁ । ହିମାଳୟ ପର୍ବତମାଳାରେ ଅବସ୍ଥିତ କୈଳାସ ପର୍ବତର ଆକାର ଏକ ପିରାମିଡ୍ ସଦୃଶ । ଋଷି ଅଗସ୍ତ୍ୟ କହିଥିଲେ, କୈଳାଶ ଏପରି ସ୍ଥାନ ଯେଉଁଠାରେ ଲୋକ ଓ ପରଲୋକ ସବୁକିଛି ଏକାକାର ହୋଇଯାଏ । ମହର୍ଷି ବେଦବ୍ୟାସ, ମହର୍ଷି ବାଲ୍ମୀକି, ଭୃଗୁଙ୍କ ପରି ଋଷିମାନେ କୈଳାସ ପର୍ବତ ନିକଟରେ ବର୍ଷ ବର୍ଷ ଧରି ତପସ୍ୟାରେ ମଗ୍ନ ରହିଥିଲେ। ସେମାନେ ମଧ୍ୟ କୈଳାସ ପର୍ବତ ଚଢ଼ିବା ପାଇଁ ସକ୍ଷମ ହୋଇପାରିନଥିଲେ । ପୌରାଣିକ ମାନ୍ୟତା ଅନୁସାରେ, ଭଗବାନ ଶିବ କେବଳ କୈଳାସ ବାହାରେ ନୁହଁନ୍ତି ନାହିଁ, ବରଂ ଏହାର ଭିତରେ ମଧ୍ୟ ବାସ କରନ୍ତି.. ସୂକ୍ଷ୍ମ ଜଗତରେ । ଏପରି ଏକ ଜଗତ ଯାହା ଆମ ଅଭିଜ୍ଞତା ବାହାରେ । ଚେତନାର ଏପରି ଏକ ଭୂମି, ଯେଉଁଠାରେ କେବଳ ଯୋଗୀ ଏବଂ ଋଷିମାନେ ବୁଝିବା ପାଇଁ ସକ୍ଷମ । ହିନ୍ଦୁ ଧର୍ମ ଗ୍ରନ୍ଥ ଅନୁସାରେ, ପ୍ରଳୟ ଏବଂ ପୁନର୍ଜନ୍ମର ସୃଷ୍ଟିକର୍ତ୍ତା କୁହାଯାଉଥିବା ଭଗବାନ ଶିବ ଏହି ପର୍ବତର ଶିଖରରେ ବାସ କରନ୍ତି । ଅନେକ ପ୍ରସିଦ୍ଧ ଧାର୍ମିକ ଗ୍ରନ୍ଥରେ, କୈଳାସକୁ ସ୍ୱର୍ଗର ଉପାଧି ଦିଆଯାଇଛି, ଯେଉଁଠାରେ ମୃତ୍ୟୁ ପରେ ପୁଣ୍ୟଆତ୍ମା ବାସ କରନ୍ତି । କୈଳାସକୁ ବିଶ୍ୱର କେନ୍ଦ୍ର ବିନ୍ଦୁ ମଧ୍ୟ ବିବେଚନା କରାଯାଏ । ପୁରାଣରେ କୈଳାସର ଚାରିମୁଖ ବା ଚାରିଦ୍ୱାର ସ୍ଫଟିକ, ମାଣିକ, ସୁନା, ଲାପିସ୍ ଲାଜୁଲି ପଥରରେ ତିଆରି ବୋଲି ବର୍ଣ୍ଣିତ । କୈଳାସ ପର୍ବତ ଅନନ୍ତ ସୃଷ୍ଟି ପରି ପୁରୁଣା, ଏଠାରେ ଆଲୋକ, ତରଙ୍ଗ ଏବଂ ଧ୍ୱନିର ଅନନ୍ୟ ସଂଗମରେ ଓଁ ପ୍ରତିଧ୍ୱନିର ଅନୁଭବ ଦିଏ । ଭଗବାନ ବିଷ୍ଣୁଙ୍କ କମଳ ହସ୍ତରୁ ବାହାରି ଗଙ୍ଗା କୈଳାସ ପର୍ବତରେ ପଡ଼ିଥାନ୍ତି । ଯେଉଁଠାରେ ସ୍ୱୟଂ ଭଗବାନ ଶିବ ଗଙ୍ଗାଙ୍କୁ ତାଙ୍କ ଜଟିଳ କେଶରେ ଧାରଣ କରି ନିର୍ମଳ ଧାରା ସଦୃଶ ସଂସାରରେ ପ୍ରବାହିତ କରନ୍ତି । ହିନ୍ଦୁମାନଙ୍କ ସହ ବୌଦ୍ଧ, ଜୈନ ଏବଂ ତିବ୍ବତର କିଛି ସମ୍ପ୍ରଦାୟର ଲୋକେ ମଧ୍ୟ ଏହାକୁ ଏକ ଦିବ୍ୟସ୍ଥାନ ମନେ କରନ୍ତି । ବୌଦ୍ଧ ଧର୍ମ ଚକ୍ରସମ୍ବର ଏବଂ ତାରା ଦେବୀଙ୍କ ଧ୍ୟାନାତ୍ମକ ରୂପଗୁଡ଼ିକୁ ମଧ୍ୟ କୈଳାସ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ । ବୋନ୍ ପରମ୍ପରାରେ କୈଳାସକୁ ସିପା ହୋରଙ୍କ ବାସସ୍ଥାନ ବୋଲି କୁହାଯାଏ - ଯିଏ ବ୍ରହ୍ମାଣ୍ଡ ସଂରଚନାର ରକ୍ଷକ।

> **ଋଷି ଅଗସ୍ତ୍ୟ କହିଥିଲେ, କୈଳାସ ଏପରି ସ୍ଥାନ ଯେଉଁଠାରେ ଲୋକ ଓ ପରଲୋକ ସବୁକିଛି ଏକାକାର ହୋଇଯାଏ । ମହର୍ଷି ବେଦବ୍ୟାସ, ମହର୍ଷି ବାଲ୍ମୀକି, ଭୃଗୁଙ୍କ ପରି ଋଷିମାନେ କୈଳାସ ପର୍ବତ ନିକଟରେ ବର୍ଷ ବର୍ଷ ଧରି ତପସ୍ୟାରେ ମଗ୍ନ ରହିଥିଲେ। ସେମାନେ ମଧ୍ୟ କୈଳାସ ପର୍ବତ ଚଢ଼ିବା ପାଇଁ ସକ୍ଷମ ହୋଇପାରିନଥିଲେ । ପୌରାଣିକ ମାନ୍ୟତା ଅନୁସାରେ, ଭଗବାନ ଶିବ କେବଳ କୈଳାସ ବାହାରେ ନୁହନ୍ତି ନାହିଁ, ବରଂ ଏହାର ଭିତରେ ମଧ୍ୟ ବାସ କରନ୍ତି..**

## -ରୁଦ୍ରାକ୍ଷ ଶିବଙ୍କ ଅଶ୍ରୁରୁ ସୃଷ୍ଟି-



*ବହୁ ପ୍ରାଚୀନ କାଳରୁ ରୁଦ୍ରାକ୍ଷକୁ ଏକ ଆଭୂଷଣ ଭାବେ ବ୍ୟବହାର କରାଯାଉଛି । ପୁରାଣ-ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି ଯେ, ରୁଦ୍ରାକ୍ଷର ଉତ୍ପତ୍ତି ଭଗବାନ ଶିବଙ୍କୁ ଅଶ୍ରୁରୁ ହୋଇଥିଲା । ଏହା ଏପରି ଏକ ବସ୍ତୁ ଯାହାକୁ ରୁଦ୍ରଙ୍କ ଅଂଶ ବୋଲି କୁହାଯାଇଥାଏ । ମନ୍ତ୍ରର ଜପ ପାଇଁ, ଗ୍ରହର ଶାନ୍ତି ପାଇଁ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଶନିଙ୍କ ପୀଡ଼ା ଦୂର ହେବା ସହ ଶନିଙ୍କ କୃପା ପ୍ରାପ୍ତି ହୋଇଥାଏ । ତେବେ ରୁଦ୍ରାକ୍ଷ ଧାରଣ କରିବାର କେତେକ ନିୟମ ରହିଛି । ନାଲିସୂତାରେ ରୁଦ୍ରାକ୍ଷ ଧାରଣ କରିପାରିବେ । ରୁଦ୍ରାକ୍ଷକୁ ବାହୁରେ, କଣ୍ଠରେ, ହୃଦୟ ଉପରେ ଧାରଣ କରିବା ଉଚିତ । ସୋମବାର ପଣ୍ଡିତଙ୍କ ପରାମର୍ଶରେ ରୁଦ୍ରାକ୍ଷ ଧାରଣ କରନ୍ତୁ । ଶ୍ରାବଣର ସୋମବାର କିମ୍ବା ଶିବରାତ୍ରୀରେ ରୁଦ୍ରାକ୍ଷ ଧାରଣ କରିବା ସର୍ବୋତ୍ତମ । ରୁଦ୍ରାକ୍ଷ ଧାରଣ କରିବା ପୂର୍ବରୁ ଏହାକୁ ଶିବଙ୍କ ପାଖରେ ପୂଜାର୍ଚ୍ଚନା କରିବା ଆବଶ୍ୟକ । ବ୍ୟବସାୟରେ ଉନ୍ନତି ପାଇଁ : ଦଶମୁଖୀ ରୁଦ୍ରାକ୍ଷ ଧାରଣ କରିବା ଆବଶ୍ୟକ । ଶନିବାର ଲାଲ୍ ରଙ୍ଗର ସୂତାରେ ଏହାକୁ ଗଳାରେ ଧାରଣ କରିବା ଉଚିତ । ଏକା ସହ ତିନି ଓ ଦଶମୁଖୀ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ବିଶେଷ ଲାଭ ହୋଇଥାଏ । ଶନିବାର ଗଳାରେ ଆଠମୁଖୀ ରୁଦ୍ରାକ୍ଷ କରିବା ଦ୍ୱାରା ସ୍ୱାସ୍ଥ୍ୟ କିମ୍ବା ଆୟୁର ସମସ୍ୟା ଦୂର ହୋଇଥାଏ ।*


## ଗିରିଗୋବର୍ଦ୍ଧନଧାରୀ



ଗିରିଗୋବର୍ଦ୍ଧନଧାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଏକ ମହିମାମୟ ନାମ । ବ୍ରଜବାସୀଙ୍କୁ ଦେବରାଜ ଇନ୍ଦ୍ରଙ୍କ ପ୍ରଳୟଙ୍କରୀ ବର୍ଷାରୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ନିଜ କନିଷ୍ଠା ଆଙ୍ଗୁଳିରେ ସାତ ଦିନ ସାତ ରାତି ଧରି ଗୋବର୍ଦ୍ଧନ ପର୍ବତକୁ ଧାରଣ କରିଥିଲେ । ଏହି ଅଲୌକିକ ଲୀଳା ଯୋଗୁଁ ସେ 'ଗିରିଗୋବର୍ଦ୍ଧନଧାରୀ' ନାମରେ ପରିଚିତ ହୋଇଥିଲେ । ଏହି ଲୀଳା କେବଳ ଶ୍ରୀକୃଷ୍ଣଙ୍କ ଦିବ୍ୟ ଶକ୍ତିର ପ୍ରମାଣ ନୁହେଁ, ବରଂ ଭକ୍ତଙ୍କ ପ୍ରତି ତାଙ୍କର ଅସୀମ ସ୍ନେହ, କରୁଣା ଓ ରକ୍ଷକ ସ୍ୱରୂପର ଅନନ୍ୟ ପ୍ରତୀକ । ଏହା ଆମକୁ ଶିଖାଏ ଯେ, ସତ୍ୟ, ଭକ୍ତି ଓ ଧର୍ମର ପଥରେ ଚାଲୁଥିବା ଲୋକଙ୍କୁ ଭଗବାନ ସର୍ବଦା ସୁରକ୍ଷା ପ୍ରଦାନ କରନ୍ତି । ପାହାଡ଼ ତଳେ ଗୋପବାସୀଙ୍କ ସମେତ ଗୋବତ୍ସା ଆଦି ଆଶ୍ରୟ ନେଇଥିଲେ । ଠାକୁରେ ବଂଶୀ ଧାରଣ କରିବା ସହ ପାହାଡ଼କୁ ଟେକି ଧରିବାର ଦୃଶ୍ୟ ରହିଛି । ଅନ୍ୟମାନେ ଦଣ୍ଡ ସାହାଯ୍ୟରେ ପାହାଡ଼ ତଳୁ ଢେରା ଦେଇଥିବେ ।




ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ । ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର । କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଦ୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ । ବନ୍ଦୀଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ । ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ । ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳି କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା ।ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଚ୍ଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ । ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ଢାଙ୍କି ଚାଲିଲେ ।ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ । ଭଗବାନ କୃଷ୍ଣଙ୍କ ଏହି ଜନ୍ମ ଦିବସକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ ଓ ଶ୍ରୀଜୟନ୍ତୀ ନାମରେ ମଧ୍ୟ ଜଣାଯାଏ ।



## ସମୟ ଅତିକ୍ରାନ୍ତ



ପଦ୍ମ ପୁରାଣର ବର୍ଣ୍ଣନା ଅନୁସାରେ ଯେତେବେଳେ ଋଷି ମାର୍କଣ୍ଡେୟଙ୍କୁ ୫ ବର୍ଷ ବୟସ ହୋଇଥାଏ ତାଙ୍କ କୁଟୀରଙ୍କୁ ଜଣେ ସାଧୁ ଆସିଥିଲେ । ସାଧୁଙ୍କୁ ଦେଖି ମାର୍କଣ୍ଡେୟ ପ୍ରଣାମ କରିବା ପରେ ସାଧୁ ଜଣକ ଚିନ୍ତାଗ୍ରସ୍ତ ହୋଇଗଲେ । ମାର୍କେଣ୍ଡେଙ୍କ ପିତା ମାଷ୍କଣ୍ଡୁ ସାଧୁଙ୍କୁ ଚିନ୍ତିତ ହେବାର କାରଣ ପଚାରିଲେ । ସାଧୁ କହିଲେ ଋଷିବର ! ଏହି ବାଳକର ଆୟୁ କେବଳ ୬ ମାସ ବାକି ଅଛି । ଋଷି ମାଷ୍କଣ୍ଡୁ ସାଧୁଙ୍କ କଥା ଧ୍ୟାନର ସହ ଶୁଣିଲେ ଏବଂ ମାର୍କଣ୍ଡେୟଙ୍କୁ ଯଜ୍ଞୋପବୀତ ଧାରଣ କରାଇ ସଂସ୍କାର ଦେଲେ ଏବଂ ତାଙ୍କୁ କହିଲେ ତୁମର ଜୀବନଠାରୁ ଯିଏ ବି ବଡ଼ ତୁମ ସମ୍ମୁଖକୁ ଆସିବେ ତୁମେ ତାଙ୍କୁ ପ୍ରଣାମ କରିବ । ପିତାଙ୍କ ଆଜ୍ଞା ପାଳନ କରି ପରିଚିତ-ଅପରିଚିତ ଯିଏ ବି ସାମ୍ନାକୁ ଆସୁଥିଲେ ବାଳକ ମାର୍କଣ୍ଡେୟ ତାଙ୍କୁ ପ୍ରଣାମ କରୁଥିଲେ । ସମୟ ଅତିକ୍ରାନ୍ତ ହେବା ସହ ବାକି ୬ଷ୍ଠ ମାସ ଆସି ପହଞ୍ଚିଲା ।

ଯେତେବେଳେ ବାଳକ ମାର୍କଣ୍ଡେୟଙ୍କ ମୃତ୍ୟୁର ୫ ଦିନ ବାକିଥିଲା ସଂଯୋଗ ବଶତଃ ସପ୍ତଋଷି ସେହି ରାସ୍ତା ଦେଇ ଯାଉଥିଲେ । ବାଳକ ମାର୍କଣ୍ଡେୟ ଭକ୍ତି ପୂର୍ବକ ସପ୍ତଋଷିଙ୍କ ପାଦ ଛୁଇଁ ପ୍ରଣାମ କଲେ । ସପ୍ତଋଷି ମାର୍କଣ୍ଡେୟଙ୍କୁ 'ଆୟୁଷ୍ମାନ୍ ଭବଃ : ବତ୍ସ' କହି ଆଶୀର୍ବାଦ ଦେଲେ । ପରେ ପରେ ସପ୍ତଋଷିଙ୍କ ଜାଣିଲେ ଯେ, ଏହି ବାଳକର ଆୟୁ ମାତ୍ର ୫ ଦିନ ବାକି ଅଛି । ତେଣୁ ସପ୍ତଋଷି ଚିନ୍ତା କରିବାକୁ ଲାଗିଲେ ଯେ, ଏବେ କ'ଣ କରାଯିବ, ଫଳରେ ଆମର ଆଶୀର୍ବାଦ ମିଥ୍ୟା ହେବ ନାହିଁ । କାରଣ ଆୟୁ, କର୍ମ, ବିତ୍ତ, ବିଦ୍ୟା ଏବଂ ନିଧନ ପ୍ରଭୃତିକୁ ସୃଷ୍ଟିକର୍ତ୍ତା ବ୍ରହ୍ମା ଶିଶୁ ଗର୍ଭରେ ଥିବାବେଳେ ନିର୍ଦ୍ଧାରଣ କରିଥାନ୍ତି । ତେଣୁ ସପ୍ତଋଷି ଚିନ୍ତାକଲେ ଏହି ବାଳକର ଆୟୁ କେବଳ ବ୍ରହ୍ମା ହିଁ ବଢ଼ାଇ ପାରିବେ । ତେଣୁ ସପ୍ତଋଷି ବାଳକ ମାର୍କଣ୍ଡେୟଙ୍କୁ ନେଇ ବ୍ରହ୍ମାଙ୍କ ନିକଟକୁ ଗଲେ । ବାଳକ ମାର୍କଣ୍ଡେୟ ବ୍ରହ୍ମାଙ୍କୁ ପ୍ରଣାମ କଲେ । ସୃଷ୍ଟକର୍ତ୍ତା ବ୍ରହ୍ମା ମଧ୍ୟ ମାର୍କଣ୍ଡେୟଙ୍କୁ ଦୀର୍ଘ ଜୀବନ ପାଇଁ ଆଶୀର୍ବାଦ କଲେ । ସେତେବେଳ ସପ୍ତଋଷି ବ୍ରହ୍ମାଙ୍କୁ କହିଲେ ଯେ, ପ୍ରଭୁ ଏହି ବାଳକର ଆୟୁ ଆଉ ମାତ୍ର ୫ ଦିନ ବାକି ଅଛି । ତେଣୁ ଆପଣ ଏପରି କିଛି କରନ୍ତୁ, ଯାହାଫଳରେ ଆପଣଙ୍କ ଆଶୀର୍ବାଦ ଯେପରି ବ୍ୟର୍ଥ ନ ଯିବ । ବ୍ରହ୍ମଦେବ କହିଲେ ଏହି ବାଳକର ଆୟୁ ମୋର ଆୟୁ ସହିତ ସମାନ ହେବ । ଏହି ପ୍ରକାରେ ପ୍ରଣାମ କରି ମାର୍କଣ୍ଡେୟ ବ୍ରହ୍ମାଙ୍କ ସମ ଆୟୁ ପ୍ରାପ୍ତ କରି ଚିରଞ୍ଜିବୀ ହୋଇଗଲେ । ସୃଷ୍ଟିର ବିନାଶକାଳରେ ଯେତେବେଳେ ଏହି ଧରିତ୍ରୀରେ ପ୍ରଳୟ ଆସିଲା ସେତେବେଳେ କେବଳ ଋଷି ମାର୍କଣ୍ଡେୟ ଜୀବିତ ରହି ଭଗବାନଙ୍କ ଦର୍ଶନ ଲାଭ କରିଥିଲେ ।

## ପ୍ରବଳ ବର୍ଷାରେ ଗଛ ପଡି ଜାତୀୟ ରାଜପଥ ଅବରୋଧ

ହିଞ୍ଜିଳିକାଟୁ(ନିପ୍ର): ସୋମବାର ଅପରାହ୍ନରେ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଶ୍ରାବଣ ମାସ ଚାଲିଥିବା ବେଳେ ହିଞ୍ଜିଳିକାଟୁ ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଗତ କିଛି ଦିନ ଧରି ବର୍ଷା ହେଉନଥିଲା । ଏପରିକି ଚାଷୀ ଚାଷକାର୍ଯ୍ୟ ପାଇଁ ଚାତକ ଭଳି ଆକାଶକୁ ଚାହିଁ ରହିଛି । କିଛି ସ୍ଥାନରେ ଧାନତଳି ବର୍ଷା ଅଭାବରୁ ପୋଡି ଯିବାକୁ ବସିଛି । କିଛି ଚାଷୀ ଭୋଟର ଯୋଗେ ପାଣି ମଡାଇ ଧାନ ତଳିକୁ ସୁରକ୍ଷିତ ରଖିଛି । ତେବେ ସୋମବାର ଅପରାହ୍ନରେ ବର୍ଷା ସାଙ୍ଗକୁ ପବନ ବୋହିଥିଲା । ପବନ ହେବା ଫଳରେ ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ନିକଟସ୍ଥ ସୋମପୁର ଛକ ନିକଟରେ ଏକ ଗଛ ଜାତୀୟ ରାଜପଥ ଉପରେ ପଡି ଯାଇଥିଲା । ରାସ୍ତା ଉପରେ ଗଛଟି ପଡି ରହିଥିବାରୁ କିଛି ସମୟ ପାଇଁ ଯାନାବାହାନ ଚଳାଚଳ ବନ୍ଦ ରହିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା । ପରେ ହିଞ୍ଜିଳିକାଟୁ ପୌର ପ୍ରଶାସନ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଜାତୀୟ ରାଜପଥ ଉପରେ ପଡିଥିବା ଗଛକୁ କାଟି ବାହାର କରାଯାଇଥିଲା ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପୁରୀ (ନିପ୍ର): ଆଜି ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିବା ସହ ଅଭିଯୋଗ ଶୁଣାଣି କରିଥିଲେ । ଅଭିଯୋଗ ଗୁଡ଼ିକର ତ୍ୱରାନ୍ୱିତ ସମାଧାନ ପାଇଁ ଯେଉଁ ବିଭାଗକୁ ଅଭିଯୋଗ ପତ୍ର ପଠାଯାଉଛି ଆଇନ ଅନୁଯାୟୀ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶୁଣାଣିରେ ମୋଟ ୧୦୪ ଗୋଟି ଅଭିଯୋଗ ପତ୍ର ମିଳିଥିଲା । ସେଥିରୁ ବ୍ୟକ୍ତିଗତ ୯୫ ଗୋଟି, ସାମୁହିକ ୫ ଗୋଟି,ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୪ ଗୋଟି ଆବେଦନ ପତ୍ର ମିଳିଥିଲା । ତତ୍କ୍ଷଣାତ ୩ ଗୋଟି ର ସମାଧାନ ହୋଇଥିଲା ।ଅନ୍ୟ ଗୁଡିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ନୟାଗଡ଼,(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରମୁଖ ହରେକୃଷ୍ଣ ମୁଦୁଲି ଯୋଗ ଦେଇଥିବା ବେଳେ ସହ ଜିଲ୍ଲା ପ୍ରମୁଖ କେଶବ ଚନ୍ଦ୍ର ରାଉତରାୟ ବିଜ୍ଞାନର ବିବିଧ ଉପକାରିତା ବିଷୟରେ ପିଲାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ପ୍ରଧାନାଚାର୍ଯ୍ୟ ସଞ୍ଜୀୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଜିର ଏହି ବିଜ୍ଞାନ ମେଳାରେ ପ୍ରାୟ ୭୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନେଇ ପ୍ରସ୍ତୁତି

କଣ୍ଟିଲୋ (ନି.ପ୍ର): ଉଚ୍ଚଶିକ୍ଷାର ପ୍ରସାର ନିମନ୍ତେ ୧୯୭୭ ମସିହାରେ ସ୍ଥାପିତ ହୋଇଥିଲା କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଚଳିତ ବର୍ଷ ପାଳନ କରିବ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ । ଏ ନେଇ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଅଣ୍ଟା ଭିଡିଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧୫ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ନେଇ ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନାଚକ୍ର ଆରମ୍ଭ ହୋଇଥିବା ଜଣାଯାଇଛି ।ତେବେ ଜୟନ୍ତୀ ଉତ୍ସବ ପାଳନ ନେଇ ଅନୁଷ୍ଠାନ କର୍ତ୍ତୃପକ୍ଷ ଆଗେଇ ଆସିବାକୁ ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳବାସୀ ଦାବି କରିବା ସହ ଏ ସଂପର୍କରେ ଅନୁଷ୍ଠାନର ଅଧକ୍ଷା ଡଃ ନନ୍ଦିତା ବାରିକଙ୍କୁ ସୋମବାର ସାକ୍ଷାତ କରିବା ଅବସରରେ ଆଲୋଚନା କରିଥିବା ଜଣାଯାଇଛି ।

## ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବସ୍ତ୍ର ଉତ୍ସବ ୨୦୨୬

ପୁରୀ,(ନିପ୍ର): ସେଣ୍ଟର ଫର ଇଣ୍ଟିଗ୍ରେଟେଡ଼ ରୁରାଲ ଆଣ୍ଡ ଟ୍ରାଇବାଲ ଡେଭୋଲପମେଣ୍ଟ (ସି ଆଇ ଆର ଟି ଡି )ପକ୍ଷରୁ ଚଳିତ ମାସ ୯ ତାରିଖରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବସ୍ତ୍ର ଉତ୍ସବ ୨୦୨୬ ଅନୁଷ୍ଠିତ ହେବ । ଏଥିପାଇଁ ସୋମବାର ପୂର୍ବାହ୍ନରେ ହେରାଗୋହିର ସାହି ଜଗଦେବ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ବସ୍ତ୍ର ଉତ୍ସବ ର ଆୟୋଜକ ରୁଚିମିତ୍ରା ଜଗଦେବ ମହାପାତ୍ର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ହସ୍ତତନ୍ତ ସମେତ ଭାରତର ବିଭିନ୍ନ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ପ୍ରୋତ୍ସାହନ ଦେବା । ସ୍ଥାନୀୟ ତନ୍ତୁବାୟ ଓ କାରିଗରମାନଙ୍କୁ ସମ୍ମାନ ଜଣାଇବା ଓ କାମ ଯୋଗାଇବା । ସ୍ଥାୟୀ ଫ୍ୟାଶନ୍ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ନୂତନ ପିଢ଼ିଙ୍କ ମନରେ ହସ୍ତତନ୍ତ ପ୍ରତି ଗର୍ବ ଓ ଆଗ୍ରହ ସୃଷ୍ଟି କରିବା ।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ନବରଙ୍ଗପୁର(ନିପ୍ର): ଡାବୁଗାଁ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଡ଼ିଓ ଶମୀର କୁମାର ପାତ୍ର ଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଷୟ ରେ ଆଲୋଚନା ହୋଇଥିଲା ।

### ଶ୍ରାବଣୀ ମହୋତ୍ସବ ପାଇଁ ଆରଡ଼ିରେ କଡ଼ା ସୁରକ୍ଷା ବ୍ୟବସ୍ଥା

# ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ଭଦ୍ରକ, (ନିପ୍ର): ଭଦ୍ରକ ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ଆଜି ଅନୁଷ୍ଠିତ ହେଉଥିବା ଶ୍ରାବଣୀ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନର ବନ୍ୟା ପରିସ୍ଥିତି ସତ୍ତ୍ୱେ ଏପର୍ଯ୍ୟନ୍ତ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଇଛି । ତେବେ ସନ୍ଧ୍ୟା ସୁଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆହୁରି ବଢ଼ିପାରେ । ଶାନ୍ତିଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନା ପାଇଁ ପୁଲିସର ୧୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ସମ୍ଭାବ୍ୟ ଜରୁରୀ ପରିସ୍ଥିତି ଓ ବନ୍ୟାଜନିତ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫର ୨ଟି ୟୁନିଟ୍‌ର ୭ଟି ଟିମ୍ ସଜାଗ ରହିଛନ୍ତି । ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗର ୨ଟି ଟିମ୍ ଫାୟାର ଟେଣ୍ଡର ସହ ମୁତୟନ ହୋଇଛନ୍ତି । ସ୍ୱାସ୍ଥ୍ୟ ସେବା ପାଇଁ ମନ୍ଦିର ପରିସରରେ ଏକ ମେଡିକାଲ୍ ଟିମ୍ ନିୟୋଜିତ ହୋଇଥିବା ବେଳେ ଜରୁରୀକାଳୀନ ରୋଗୀ ପରିବହନ ପାଇଁ ଏକ ଆମ୍ବୁଲାନ୍ସ ମୁତୟନ କରାଯାଇଛି । ଆରଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି । ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ନିଃଶୁଳ୍କ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା ମଧ ସୁନିଶ୍ଚିତ କରାଯାଇଛି । ପ୍ରଶାସନର ପରାମର୍ଶ ଯାଜପୁର-ଆରଡ଼ିକୁ ସଂଯୋଗ କରୁଥିବା କଇଁଆଙ୍ଗୋଳା–ଆରଡ଼ି ରାସ୍ତା ବନ୍ୟା କ୍ଷତି ଯୋଗୁଁ ସାମୟିକ ଭାବେ ବନ୍ଦ ରହିଛି । ଏନ୍‌ଏଚ୍-୨୦ କର୍ତ୍ତୃପକ୍ଷ ପକ୍ଷରୁ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଶ୍ରଦ୍ଧାଳୁମାନଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ସେହିପରି ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ୬ଟା ପରଠାରୁ ସମସ୍ତ ୩ଟି ଘାଟକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ ଏବଂ ଏହାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ ।

# ବନ୍ୟା ଛାଡ଼ିଲା: ଉଜୁଡ଼ିଗଲା ପରିବା ଫସଲ



ଭାପୁର (ନିପ୍ର)ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ମହାନଦୀର ବନ୍ୟା ପରିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଲଗାତାର ବର୍ଷା ଓ ମହାନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଭାପୁର ବ୍ଲକର ମହାନଦୀ କୁଳିଆ ମାଣିତ୍ରି,କରବର,ବଡବର, ନଣ୍ଡାବର, ଟିକିରିପଡା, ପଦ୍ମାବତୀ, ମଣିପୁର ଆଦି ଗ୍ରାମ ଗୁଡିକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି । ଭାପୁର ବ୍ଲକର ପରିବା ଝୁଡି କୁହାଯାଉଥିବା କରବର ଗ୍ରାମରେ ପରିବା ଫସଲ ଆଉ କିଛି ନାହିଁ,ସବୁ ପଚି ନଷ୍ଟ ହୋଇଯାଇଛି । କଖାରୁ, ବାଇଗଣ, ଝୁଡ଼ଙ୍ଗ, ପୋଟଳ,ଜହ୍ନି,କାକୁଡି ଆଦି ପରିବା ଗଛ ପାଣିରେ ବୁଡି ରହିବା ଯୋଗୁଁ ସମ୍ପୂର୍ଣ୍ଣ ଭାବରେ ପଚି ଯାଇ ନଷ୍ଟ ହୋଇଯାଇଛି । କିନ୍ତୁ,ଭେଣ୍ଡି ଫସଲର କୌଣସି କ୍ଷତି ହୋଇନାହିଁ । ଚାଷୀ ମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ପରିବା ଫସଲ କରିଥିବାବେଳେ ବର୍ତ୍ତମାନ ମହାନଦୀ ର ବନ୍ୟା ରେ ଏହି ଫସଲ ଉଜୁଡି ଯାଇଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ । ଭାପୁର ଅଞ୍ଚଳର ପରିବା ଭାତ ହାଣ୍ଡି କୁହାଯାଉଥିବା କରବର ପଞ୍ଚାୟତରେ ଶହ ଶହ ହେକ୍ଟର ଜମିରେ ହୋଇଥିବା ପରିବା ଚାଷ ଉଜୁଡି ଯାଇଛି । ସେହି ପରିବା ଭାପୁର ବଜାର ରେ ବିକ୍ରି ହୋଇଥାଏ । ବର୍ତ୍ତମାନ,କରବର ଗ୍ରାମର ଦେଶୀ ପରିବା ନଷ୍ଟ ହୋଇ ବଜାରକୁ ଆସୁ ନ ଥିବାରୁ ବାହାର ପରିବାର ଦାମ ଦ୍ୱିଗୁଣ ହୋଇଯାଇଛି । ଯାହାଫଳରେ,ଖାଉଟି ର ହାଣ୍ଡିଶାଳରେ ଏହାର ପ୍ରଭାବ ପଡିଛି । ବ୍ଲକ କୃଷି ବିଭାଗ ପରିବା ଚାଷୀ ଙ୍କୁ ଚିହ୍ନଟ କରି କ୍ଷତି ପୂରଣ ପ୍ରଦାନ ପାଇଁ ପରିବା ଚାଷ କରିଥିବା ଦଣ୍ଡପାଣି ଜେନା,କୃତିବାସ ପରିଡା, ଜମ୍ବୁଆ ବେହେରା,ଶ୍ରୀବଛ ଜେନା ଆଦି ବ୍ଲକ କୃଷି ବିଭାଗ କୁ ଦାବୀ କରିଛନ୍ତି ।

## ମରଣଯନ୍ତା ପାଲଟିଛି ଗଣେଶ୍ୱରପୁର ଗ୍ରାମର ମୁଖ୍ୟ କଂକ୍ରିଟ୍ ରାସ୍ତା



ସାଲେପୁର,(ନିପ୍ର): ସାଲେପୁର ବ୍ଲକ୍ ଅନ୍ତର୍ଗତ ଗଣେଶ୍ୱରପୁର ରାସ୍ତାରେ ଜଳ ବର୍ଷା ନିଷ୍କାସନର ବ୍ୟବସ୍ଥା ନଥିବାରୁ ବହୁ ଲୋକ ରାସ୍ତାରେ ଜମି ରହିଥିବା ପାଣିରେ ପଶି ଯାତାୟାତ କରୁଥିବାରୁ ଅଧିକାଂଶ ଲୋକ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି । ଏହା ଦୀର୍ଘବର୍ଷର ସମସ୍ୟା ହୋଇଥିଲେ ମଧ ସରକାର ଏ ଦିଗରେ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସାଲେପୁର ବ୍ଲକ୍ ଅନ୍ତର୍ଗତ ଗଣେଶ୍ୱରପୁର ମୁଖ୍ୟରାସ୍ତା ୨୦୦୫ମସିହାରେ ନିର୍ମାଣ କରାଯାଇଥିବାବେଳେ ଦୀର୍ଘ ୧୦ବର୍ଷ ହେବ ଏହାର ମରାମତି ବା ରାସ୍ତାରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରାଯାଇନଥିବାରୁ ରାସ୍ତା ଉପରେ ଆଣ୍ଠୁଏ ଲେଖା ପାଣି ଜମି ରହୁଛି । ଚଳିତ ବର୍ଷ ବର୍ଷା ଆରମ୍ଭରୁ ଏପର୍ଯ୍ୟନ୍ତ ରାସ୍ତା ଉପରେ ପାଣି ଜମି ରହୁଥିବାରୁ ଏହି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ଏହି ରାସ୍ତା ଦେଇ ପାଣିରେ ପଶି ଯାତାୟାତ କରିବାକୁ ବାଧ ହେଉଛନ୍ତି । ଏହି ଦୂଷିତ ପାଣିରେ ଯାତାୟାତ କରୁଥିବା ଲୋକମାନଙ୍କ ମଧ୍ୟରୁ ବହୁ ଲୋକ ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି । ଏହା ଦୀର୍ଘବର୍ଷର ସମସ୍ୟା ହୋଇଥିଲେ ମଧ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାକୁ ମରାମତି ନକରିବା ଓ ରାସ୍ତା ଉପରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରୁନଥିବାରୁ ଏହି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଗଣେଶ୍ୱରପୁର ଗ୍ରାମବାସୀଙ୍କ ଏହି ମୁଖ୍ୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଡେପୁଟି ଓ୍ୱାର୍ଡେନଙ୍କ ଇସ୍ତଫା ଦାବିରେ ରେଭେନ୍ସାରେ ଛାତ୍ର ଆନ୍ଦୋଳନ

### ୨୪ ଘଣ୍ଟାରୁ ଅଧିକ ଅନଶନରେ ଶତାଧିକ ଛାତ୍ର

କଟକ,(ନିପ୍ର) : ରେଭେନ୍ସାରେ ଛାତ୍ର ଅଶାନ୍ତି । ଆନ୍ଦୋଳନକୁ ଓହ୍ଲାଇଛନ୍ତି ଇଷ୍ଟ ହଷ୍ଟେଲର ଶତାଧିକ ଛାତ୍ର । ପ୍ରାୟ ୨୪ ଘଣ୍ଟାରୁ ଅଧିକ ସମୟ ହେଲାଣି ଛାତ୍ରମାନେ ଅନଶନରେ ବସିଛନ୍ତି । ହାତରେ ପ୍ଲାକାର୍ଡ ଏବଂ ଡେପୁଟି ଓ୍ୱାର୍ଡେନଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି ଛାତ୍ର ମାନେ । ହଷ୍ଟେଲ ମେସ୍ ରବିବାର ଠାରୁ ଏକ ପ୍ରକାର ଅଚଳ କହିଲେ ଚଳେ । କେବଳ ଅନଶନ ନୁହେଁ ବରଂ ହଷ୍ଟେଲ ଆଗରେ ଅହୋରାତ୍ର ଧାରଣାରେ ବସିଛନ୍ତି ଇଷ୍ଟ ହଷ୍ଟେଲ ଅନ୍ତେବାସୀ । ସେମାନଙ୍କ ଅଭିଯୋଗ, ହଷ୍ଟେଲର ଡେପୁଟି ଓ୍ୱାର୍ଡେନ ମନମାନି ଚଳାଇଛନ୍ତି । ଅଚାନକ ହଷ୍ଟେଲକୁ ଆସି, ମନଇଚ୍ଛା ପିଲାମାନଙ୍କୁ ବାହାର କରିଦେଇ ଘରେ ତାଲା ପକାଇ ଦେଉଛନ୍ତି । ଯାହାର ପ୍ରତିବାଦ ସ୍ୱରୂପ ଛାତ୍ରମାନେ ଆନ୍ଦୋଳନ ଚଳାଇଛନ୍ତି । ଅଭିଯୋଗ ମୁତାବକ, ଇଷ୍ଟ ହଷ୍ଟେଲର ଡେପୁଟି ଓ୍ୱାର୍ଡେନ ରବି ଉଲ ଆନସାରୀ ଜଣେ ଅନ୍ତେବାସୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରିଛନ୍ତି । ଛାତ୍ର ଜଣଙ୍କର ରୁମ୍‌ରେ ତାଲା ପକାଇବା ସହ ତାଙ୍କୁ ହଷ୍ଟେଲ ବାହାରକୁ ଚାଲିଯିବାକୁ କହିଛନ୍ତି । ସମ୍ପୃକ୍ତ ଛାତ୍ରଙ୍କ ବିରୁଦ୍ଧରେ ସାକ୍ଷୀ ଦେବାଲାଗି ଅନ୍ୟ ଅନ୍ତେବାସୀମାନଙ୍କୁ ବାଧ କରୁଛନ୍ତି । ଯାହାକୁ ନେଇ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି । ତେବେ ରବିବାର ରାତିରେ ରେଭେନ୍ସା କର୍ତ୍ତୃପକ୍ଷ ଆନ୍ଦୋଳନରତ ଛାତ୍ର ମାନଙ୍କ ସହ ଆଲୋଚନା କରିଥିଲେ, ଯାହା ବିଫଳ ହେଲା । ଆଜି ପୁଣି ଥରେ ଚିଫ୍ ଓ୍ୱାର୍ଡେନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଆଲୋଚନା କରିଛନ୍ତି । ଡେପୁଟି ଓ୍ୱାର୍ଡେନ ତାଲା ପକାଇବା ଅଭିଯୋଗକୁ ମଧ ସ୍ୱୀକାର କରୁଛନ୍ତି କର୍ତ୍ତୃପକ୍ଷ । ତେବେ ସମସ୍ତ ଘଟଣାର ତଦନ୍ତ ପାଇଁ ସମୟ ଲୋଡିଛନ୍ତି ଚିଫ୍ ଓ୍ୱାର୍ଡେନ । ହେଲେ ଏଭଳି ପ୍ରତିଶ୍ରୁତି ଛାତ୍ରମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ରେଭେନ୍ସାରେ ଅନେକ ଥର ଛାତ୍ର ଅଶାନ୍ତି ମୁଣ୍ଡ ଟେକିଛି । ହେଲେ ତାର ଆଶୁ ସମାଧାନ ମଧ କରାଯାଇଛି । ଏଥର କିନ୍ତୁ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଛାତ୍ର ମାନେ ଧାରଣାରେ ବସିଛନ୍ତି । ଯାହାର ସମାଧାନ ଲାଗି ବାରମ୍ବାର ଆଲୋଚନା ହେଉଥିବା ସତ୍ତ୍ୱେ ସମାଧାନର ସୂତ୍ର ବାହାରି ପାରୁନାହିଁ ।

# ଲଗାଣ ବର୍ଷାରେ ନଷ୍ଟ ହେଲା ସିମେଣ୍ଟ କଂକ୍ରିଟ ରାସ୍ତା

### ପାଣିରେ ପଡିଲା ଅନୁଦାନ !



କଣ୍ଟିଲୋ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଗ୍ରାମର ବାପୁଜୀ ନଗର ଠାରୁ ପୁରୁଣା ବ୍ୟାଙ୍କକୁ ସଂଯୋଗ କରୁଥିବା ରାସ୍ତାର ସିମେଣ୍ଟ କଂକ୍ରିଟକରଣ କାର୍ଯ୍ୟକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଲଗାଣ ବର୍ଷା ସମୟରେ ରାସ୍ତା କାର୍ଯ୍ୟ କରାଯିବା ଯୋଗୁଁ ରାସ୍ତା ଉପରୁ ସିମେଣ୍ଟ ଅଂଶ ଧୋଇ ହୋଇ ଯାଇ ଗୋଡି ଗୁଡିକ ଉଠି ଏଣେ ତେଣେ ରାସ୍ତା ଉପରେ ପଡିଥିବା ନଜରକୁ ଆସୁଛି । ନିର୍ମାଣଧୀନ ରାସ୍ତାର କାର୍ଯ୍ୟଶୈଳୀ ଓ ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି । ଲଗାଣ ବର୍ଷା ସମୟରେ ତରବରିଆ ଭାବେ ରାସ୍ତା କାର୍ଯ୍ୟ କରାଯିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି । ଏ ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ ଉଠାଇ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାଯାଇଛି । ପ୍ରକାଶଥାଉକି ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୩ ଲକ୍ଷ ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡିପାର୍ଟମେଣ୍ଟାଲ ଭାବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିଲେ ହେଁ ବାସ୍ତବରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମାର୍ଫତରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି । ରାସ୍ତା କାର୍ଯ୍ୟର ମାନ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ଦ୍ୱାରା ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ ଏକ ପ୍ରମୁଖ ରାସ୍ତା ଭାବେ ପରିଗଣିତ ଉକ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ଦେଇ ଶତାଧିକ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଶହଶହ ଜନସାଧାରଣ ଯାତାୟାତ କରିଥାନ୍ତି ।ଏବେ ନିର୍ମାଣଧୀନ ରାସ୍ତାର ଏପରି ଅବସ୍ଥାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ତେବେ ଅଭିଯୋଗ ପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ଉକ୍ତ ରାସ୍ତା କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବ୍ଲକର ବରିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଦାଶ ଓ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ । ନୟାଗଡ ଜିଲ୍ଲାପାଳ ଉକ୍ତ ରାସ୍ତା କାର୍ଯ୍ୟ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ବେଲଗୁଣ୍ଠାରେ ଅମାନବିକତାର ଚିତ୍ର
## ରୁଗ୍ଣ ଗାଈକୁ ରାସ୍ତାରେ ଛାଡିଦେଲେ ମାଲିକ

ବେଲଗୁଣ୍ଠା:(ନିପ୍ର): ହିନ୍ଦୁ ଧର୍ମରେ ଗାଈକୁ 'ଗୋମାତା' ଭାବେ ପୂଜା କରାଯାଏ ଏବଂ ଏହାଙ୍କୁ ପବିତ୍ର ଜ୍ଞାନ କରାଯାଏ । ମାତ୍ର କିଛି ଅସଚେତନ ମାଲିକଙ୍କ ଏପରି କିଛି ଅମାନବିକ ଚିତ୍ର ସାମ୍ନାକୁ ଆସିଛି, ଯାହା ସାଧାରଣରେ ଗଭୀର ବ୍ୟଥା ସୃଷ୍ଟି କରିଛି । ସାରା ଜୀବନ ମାଲିକକୁ ସେବା କରିବା ପରେ ଯେତେବେଳେ ଗାଈଟି ରୋଗାକ୍ରାନ୍ତ ହୋଇ ପଡ଼େ କିମ୍ବା କୌଣସି କାମରେ ଆସେ ନାହିଁ, ସେତେବେଳେ ନିର୍ଦ୍ଦୟ ମାଲିକମାନେ ତାକୁ ରାସ୍ତାରେ ଛାଡ଼ିଦେଇ ନିଶ୍ଚିନ୍ତରେ ରହୁଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅମାନବିକ ଓ ହୃଦୟବିଦାରକ ଘଟଣା ବେଲଗୁଣ୍ଠା ଅଞ୍ଚଳରେ ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବେଲଗୁଣ୍ଠା ସହର ମଧ୍ୟରେ ଥିବା ବଡ଼ଦାଣ୍ଡ ସାହିରେ ଏକ ଗାଈ ଅତ୍ୟନ୍ତ ରୁଗଣ ଅବସ୍ଥାରେ ଆସି ପେଣ୍ଠସାହି ଆଡ଼ପମଣ୍ଡପ ନିକଟରେ ପଡ଼ିରହିଥିଲା । ତେବେ ଏହି ଗାଈର ପ୍ରକୃତ ମାଲିକ କିଏ, ତାହା ଜଣାପଡ଼ି ନଥିଲା । ଗାଈଟିର ସେହି ଦୟନୀୟ ଅବସ୍ଥା ଦେଖି ବଜରଙ୍ଗ ଦଳର କିଛି ସଭ୍ୟ ଓ ରାସ୍ତାରେ ଯାଉଥିବା କିଛି ଲୋକ ଆସିଥିଲେ ଏବଂ ତୁରନ୍ତ ପଶୁ ଡାକ୍ତର ଶଙ୍କର ସନା ପାଣିଗ୍ରାହୀଙ୍କ ସହିତ ପରାମର୍ଶ କରି ଚିକିତ୍ସାର ବ୍ୟବସ୍ଥା କରିଥିଲେ । ମାତ୍ର ଗାଈଟି ଅତ୍ୟନ୍ତ ଅସୁସ୍ଥ ଓ ରୁଗଣ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ସତ୍ତ୍ୱେ ଶେଷରେ ତାର ମୃତ୍ୟୁ ଘଟିଥିଲା । ଗାଈର ମୃତ୍ୟୁ ପରେ ପାଖରେ ଥିବା ଯୁବକମାନେ ଏହାର ମାଲିକଙ୍କୁ ଖୋଜିବାକୁ ବହୁ ଚେଷ୍ଟା କରିଥିଲେ ମଧ କୌଣସି ସନ୍ଧାନ ମିଳିନଥିଲା । ଏପରି ସଙ୍କଟଜନକ ପରିସ୍ଥିତିରେ ସ୍ଥାନୀୟ ଯୁବକମାନେ ୨ ନମ୍ବର ଓ୍ୱାର୍ଡ କାଉନସିଲର୍ ଦିବ୍ୟରଞ୍ଜନ ଦାଶଙ୍କୁ ଏହି ବିଷୟରେ ଅବଗତ କରାଇଥିଲେ । ଖବର ପାଇବାକ୍ଷଣି କାଉନସିଲର୍ ଦାଶ ତତ୍ପରତା ପ୍ରକାଶ କରିଥିଲେ ଏବଂ ନିଜେ ଆଗେଇଆସି ଗାଈର ଶେଷକୃତ୍ୟ ଓ ସତ୍କାର ପାଇଁ ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ ।

# ବନ୍ୟାରେ ଗୁଆଳିନାସୀର ୧୦ଏକରରୁ ଊର୍ଦ୍ଧ୍ୱ ଚାଷଜମି ନଦୀଗର୍ଭରେ ଲୀନ

### ସ୍ଥାୟୀ ପ୍ରତିକାର ପାଇଁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟିଲେ ଅରିନ୍ଦମ



ସାଲେପୁର(ନିପ୍ର): ମହାନଦୀ ଓ ଚିତ୍ରୋତ୍ପଳାରେ ବନ୍ୟାଜଳ ଆସି ସାଲେପୁର ବ୍ଲକ୍‌ର ଗୁଆଳିନାସୀରେ ଅତଡ଼ା ଖସି ଭୟାନକ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୩ଦିନ ମଧ୍ୟରେ ପ୍ରାୟ ୬ଶହ ମିଟର ଲମ୍ବ ପ୍ରାୟ ୧୦ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଦୀଗର୍ଭରେ ଲୀନ ହୋଇଗଲାଣି । ପ୍ରଶାସନ ପକ୍ଷରୁ ଅସ୍ଥାୟୀ ବାଡ଼ କରି ବାଲିବସ୍ତା ପକାଯାଇ କୂଳ ଖାଉଥିବା ସ୍ଥାନକୁ ସଂରକ୍ଷିତ ରଖିବାପାଇଁ ଉଦ୍ୟମ ଜାରି ରହିଥିଲେ ମଧ ଉଭୟ ନଦୀର କରାଳ ରୂପ ବାଡ଼କୁ ମଧ ନଦୀଗର୍ଭରେ ଲୀନ କଲାଣି । ଅପର ପକ୍ଷରେ ଆଜି ଏହି ଘଟଣାକୁ ନେଇ ବିଜେପି ନେତା ଅରିନ୍ଦମ ରାୟ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ଏହା ଏକ ଗୁରୁତର ସମସ୍ୟା ହୋଇଥିବାବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ସରକାରଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି । ଭୁବନେଶ୍ୱରସ୍ଥିତ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ.ଦିଲ୍ଲୀପ କୁମାର ରାଉତଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଥିବାବେଳେ ଯଦି ଏହାର ସ୍ଥାୟୀ ପ୍ରତିକାର କରାନଯାଏ, ତେବେ ଆଗାମୀ ଦିନରେ ସାଲେପୁର ବ୍ଲକ୍‌ର ୪ଗୋଟି ପଞ୍ଚାୟତ ସମେତ କଟକ ସଦରର ବହୁ ପଞ୍ଚାୟତ ଚିତ୍ରୋତ୍ପଳା ଓ ମହାନଦୀ ଗର୍ଭରେ ଲୀନ ହେବ ବୋଲି ଦୃଷ୍ଟି ଆକର୍ଷଣ କରିଥିଲେ । ଜଳସଂପଦ ବିଭାଗର ଯନ୍ତ୍ରୀ ଏ ଦିଗରେ ଗୁରୁତ୍ୱ ଦେଇ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ଗ୍ରହଣ କରାଯିବା ସହ ପ୍ରାୟ ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପଥର ସ୍ପର ଓ ରିଂ ବନ୍ଧ ନିର୍ମାଣ କରାଗଲେ ଉଭୟ ନଦୀରେ ଯେଉଁ ମାତ୍ରାରେ ବନ୍ୟା ଆସି କୂଳବର୍ତ୍ତୀ ଅଞ୍ଚଳ ଲଘୁଛି, ତାହା ରୋକାଯାଇ ପାରିବ ବୋଲି ସେ ପ୍ରତିଶ୍ରୁତି ଦେବା ସହ ଖୁବ୍ ଶୀଘ୍ର ଏହି କାର୍ଯ୍ୟର ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ରାୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସାଲେପୁର ଅଞ୍ଚଳର ପରିବା ହାଟର ମୁଖ୍ୟ ପରିବା ଚାଷୀ ଭାବେ ଏହି ଅଞ୍ଚଳ ପରିଚିତ ଅଟେ । ଏହି ଗୁଆଳିନାସୀରେ ପ୍ରାୟ ବିଭିନ୍ନ କିସମର ପନିପରିବା ଚାଷ କରାଯାଇ ଚାଷୀମାନେ ସାଲେପୁର ସମେତ ଜିଲ୍ଲା ଓ ରାଜ୍ୟ ବାହାରକୁ ରପ୍ତାନି କରିଥାନ୍ତି । କିନ୍ତୁ ଏବେ ଏହି କିଛି ବର୍ଷ ହେବ ଚିତ୍ରୋତ୍ପଳା ଓ ମହାନଦୀରେ ବନ୍ୟାଜଳ ଆସି ଏହି ତ୍ରିକୋଣଭୂମିର ବହୁ ଚାଷ ଜମିକୁ ନଦୀ ଗର୍ଭରେ ଲୀନ କଲାଣି । ତେଣୁ ଏହାର ସ୍ଥାୟୀ ପ୍ରତିକାର ଗ୍ରହଣ କରାନଗଲେ ଆଗାମୀ ଦିନରେ ଚାଷ ଜମି ସହ ସାଲେପୁର ବ୍ଲକ୍‌ର ୪ଟି ପଞ୍ଚାୟତ ସମେତ କଟକ ସଦର ବ୍ଲକ୍‌ର ବହୁ ପଞ୍ଚାୟତ ଉଭୟ ନଦୀଗର୍ଭରେ ଲୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ।

ତିଥି :(ଷଷ୍ଠୀ): (ରେବତୀ ମୀନ)
ଅମୃତ ବେଳା: ଦିବା ଘ ୭ । ୫୦ ଗତେ ଘ୧୦ ।୧୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି ।। - ଶ୍ରୀମଦ୍ ଭଗବଦ୍ ଗୀତା

# ନିଶାମୁକ୍ତି ଲୋଡ଼େ ସହଯୋଗ ଓ ସଂକଳ୍ପ

'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ପ୍ରାପ୍ତି ପାଇଁ ନିଶାମୁକ୍ତ ଭାରତର ଗୁରୁତ୍ୱକୁ ଉପେକ୍ଷା କରାଯାଇପାରିବ ନାହିଁ। 'ବିକଶିତ ଯୁବ ଭାରତ ପାଇଁ ନିଶାମୁକ୍ତ ଯୁବସଂକଳ୍ପ ଅଭିଯାନ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଆରମ୍ଭ କରିଛନ୍ତି । ଦେଶର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅଭିଯାନ ଆରମ୍ଭ ହେବା ବହୁ ଦୃଷ୍ଟିରୁ ଗୁରୁତ୍ୱ ରଖେ । ନିଶାମୁକ୍ତି ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବା ସମୟର ଆବଶ୍ୟକତା । ତେବେ ଏହାର ମୁଖ୍ୟ କର୍ଣ୍ଣଧାର ଯୁବପିଢି ହିଁ ହୋଇପାରିବେ । ତେଣୁ ପ୍ରଧାନମନ୍ତ୍ରୀ ଏହି ପିଢି ଉପରେ ଆସ୍ଥା ରଖିଛନ୍ତି, ଗୁରୁତ୍ୱ ବି ଦେଇଛନ୍ତି । ପଦଯାତ୍ରା ହେଉ କି ଆଲୋଚନା, ଅବା ଗୋଷ୍ଠୀଭିତ୍ତିକ ଜନସଚେତନତା । ଏସବୁ ମାଧ୍ୟମରେ ଯେତେ ଯେତେ ସଚେତନତା ସୃଷ୍ଟି କରାଯାଇପାରିବ ତାହାଦ୍ୱାରା ଅଭିଯାନ ସେତିକି ସଶକ୍ତ ଓ ଲକ୍ଷ୍ୟାଭିମୁଖୀ ହୋଇପାରିବ । କିନ୍ତୁ ସଚେତନତା ସାଙ୍ଗକୁ ମଦ, ସିଗାରେଟ, ତମାଖୁ ପ୍ରଭୃତିରେ ବିକ୍ରିବଟା ଉପରେ ସରକାରୀସ୍ତରରେ ଯଥେଷ୍ଟ ନିୟନ୍ତ୍ରଣ ନ ରହିଲେ ରାତିଅନିଦ୍ରା, ମୁଗୁରାମୁହଁ ଖୋଲା ସଦୃଶ ପରିଣତି ହେବା ଅବଶ୍ୟମ୍ଭାବୀ । ଉଚ୍ଚାରଣ ଓ ଆଚରଣରେ ଏକତ୍ୱ ଲୋଡ଼ା । ଯଦି ନିଶାଦ୍ରବ୍ୟ ବିକ୍ରିବଟା ଉପରେ ଟାଣପଣ ସରକାରଙ୍କ ନ ରହିବ, ତେବେ ସ୍ଥିତିରେ ବିଷମତା ଉପୁଜିବ ।

ଯୁବପିଢିର ଯେଉଁମାନେ ବାଟବଣା ସେମାନଙ୍କ ମଧ୍ୟରେ ଅଧିକାଂଶ ନିଶା ରାକ୍ଷସ କବଳିତ । କି ଗ୍ରାମାଞ୍ଚଳ, କି ସହରାଞ୍ଚଳ, ଦେଶୀ/ବିଦେଶୀ ମଦ ହେଉ, ଅବା ସିଗାରେଟ, ଗୁଟ୍‌ଖା ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ହାତପାଆନ୍ତାରେ ପଇସା ଦେବା ମାତ୍ରକେ ମିଳିପାରୁଛି । ଏସବୁରୁ ମିଳୁଥିବା ଟିକସ ସରକାରଙ୍କ ଅବକାରୀ ଟିକସ ବୃଦ୍ଧି ସହାୟକ ହେଉଛି । ସୁତରାଂ ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ ପୂର୍ବକ ସଚେତନତା ସୃଷ୍ଟି କରିଦେଲେ ଯଥେଷ୍ଟ ହେବନାହିଁ । ଏକଥା ସରକାର ଚିନ୍ତାକୁ ନେବା ଆବଶ୍ୟକ । ଆଲୋଚ୍ୟ ନିଶାସାମଗ୍ରୀକୁ ବାଦ୍ ଦେଇ ବ୍ରାଉନସୁଗାର, ତରଳ ଗଂଜେଇ ଓ ଅନ୍ୟାନ୍ୟ ନିଶାବଟିକା କି ନିଶା ଔଷଧର କାରବାର ଚୋରାରେ ଚାଲିବା, ମଝିରେ ମଝିରେ ଧରପଗଡ଼ରେ ଜବତ ହେବା, ଏସବୁ ସାଧାରଣ ଘଟଣା ହୋଇଗଲାଣି । ଏ ପରିପ୍ରେକ୍ଷୀରେ କୁହାଯାଇପାରେ ନିଶାମୁକ୍ତି ଦୃଢ ରାଜନୈତିକ ଶକ୍ତି ବ୍ୟତିରେକ ଏପରି ଅଭିଯାନ ଆଶାନୁରୂପ ସୁଫଳ ଦେଇପାରିବନାହିଁ ।

କେନ୍ଦ୍ର ସରକାରଙ୍କ ଆଲୋଚ୍ୟ ଅଭିଯାନ ଆରମ୍ଭ ପୂର୍ବରୁ ରାଜ୍ୟ ସରକାର ଗତ ଏପ୍ରିଲରୁ ନିଶାମୁକ୍ତ ରାଜ୍ୟ ଭାବେ ଓଡ଼ିଶାକୁ ଗଢିବା ନେଇ ରାଜ୍ୟ ପୋଲିସ ଅଣ୍ଟାଭିଡ଼ି ସାରିଛି । ରାଜ୍ୟ ପୋଲିସକୁ ନିଶା ବିରୋଧୀ ଅଭିଯାନରେ କିଛି ସଫଳତା ହାସଲ ହୋଇଛି । ସେ ସଂପର୍କିତ ତଥ୍ୟ ସଂକ୍ଷେପରେ ଏହିପରି । ୨୦୨୫ ଜାନୁଆରୀ ପହିଲାରୁ ୨୦୨୬ ଫେବୃଆରୀ ୨୮ ତାରିଖ ସୁଦ୍ଧା ରାଜ୍ୟ ପୋଲିସ ଧ୍ୱଂସ କରିଛି ପ୍ରାୟ ୧୪୪୪କୋଟି ଟଙ୍କାର ଗଂଜେଇ ଚାଷ । ସେମିତି ଜବତ କରିଛି ୧୩୪୭କୋଟି ଟଙ୍କାର ଗଂଜେଇ, ପ୍ରାୟ ୨୦୦କେଜିର ଗଂଜେଇ ତେଲ, ୪୧୭କୋଟି ଟଙ୍କା ମୂଲ୍ୟର ବ୍ରାଉନସୁଗାର ଓ ୧୦୧୭ କୋଟି ଟଙ୍କାର କଫ ସିରଫ । ଏ ବାବଦରେ ଗିରଫ କରାଯାଇଛି ୬୫୪ଆନ୍ତଃରାଜ୍ୟ ନିଶାବେପାରୀ । ଯଦି ସେହି ନିଶା ବେପାରୀମାନଙ୍କୁ ବ୍ୟାପକ ପଚରାଉଚରା କରାଯିବ ତାହା ଦ୍ୱାରା ରାଜ୍ୟରେ ନିଶାଦ୍ରବ୍ୟର ନେଟୱାର୍କ ଓ ତାହା ପଛରେ କେଉଁମାନଙ୍କ ପ୍ରୋତ୍ସାହନ ରହିଛି ତାହାର ଚିତ୍ର ତଥା ଚରିତ୍ର ପଦାକୁ ଆସିପାରନ୍ତା । ନିଶା ସାମଗ୍ରୀ ଯଦି ହାତପାଆନ୍ତାରେ ମିଳନ୍ତାନାହିଁ ଏଥିଲାଗି ପରିଚୟ ପତ୍ର ପଂଜୀକରଣ ପ୍ରତି ଧ୍ୟାନ ଅଥବା କିଛି ଏପରି ରଣନୀତିକ କୌଶଳ ଆପଣା ଯାଆନ୍ତା, ତେବେ ଭଲ ହୁଅନ୍ତା । ସର୍ବୋପରି ନିଶାମୁକ୍ତ ଭାରତ ପାଇଁ ସଭିଁଙ୍କ ସହଯୋଗ ଓ ସଂକଳ୍ପ ହେଉଛି ମୁଖ୍ୟ ଅସ୍ତ୍ର । ଅନ୍ୟଥା ନିଶାମୁକ୍ତି ଆଶା କରିବା ଦୂରନ୍ତ ହେବ ।

# ଅମଲାତନ୍ତ୍ରର ଆଇନଗତ ଅଜ୍ଞତା !

**ଗଣତନ୍ତ୍ରର ଭବିଷ୍ୟତ କେବଳ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ନୁହେଁ, ପ୍ରଶାସନିକ ଅଧିକାରୀଙ୍କ ଉପରେ ମଧ୍ୟ ନିର୍ଭର କରେ । ଯଦି ଏହି ମେରୁଦଣ୍ଡ ଦୁର୍ନୀତି, ଅହଙ୍କାର ଏବଂ ଅଜ୍ଞତାର ଭାରରେ ନଇଁଯାଏ, ତେବେ ଏହା ସମଗ୍ର ସମାଜକୁ ପଙ୍ଗୁ କରିଦେବ । ଅଧିକାରୀମାନଙ୍କୁ ମନେ ରଖିବାକୁ ହେବ ଯେ, ସେମାନେ ଆଇନର ସେବକ, ମାଲିକ ନୁହନ୍ତି । ଯେଉଁଦିନ ପ୍ରଶାସନର ଶେଷ ସୋପାନରେ ଥିବା ଅଧିକାରୀ ଜଣକ ସାଧାରଣ ଗରିବ ଲୋକଟିର ଆଖିରୁ ଲୁହ ପୋଛିବାରେ ନିଜର ସଫଳତା ଦେଖିବେ, ସେଦିନ ହିଁ ପ୍ରକୃତ ସୁଶାସନ ପ୍ରତିଷ୍ଠିତ ହେବ । ଗଣତନ୍ତ୍ରରେ ଜନତା ଆଜି ଏହି ପ୍ରଶ୍ନ କରୁଛନ୍ତି— "ଆମେ ଜନସେବକ ଚାହୁଁଛୁ କି ଶାସକ ?" ନ୍ୟାୟ ଉପରେ ଅନାଦର କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ଏହା ଏକ ସାମ୍ବିଧାନିକ ଅପରାଧ, ଯାହାକୁ ସଂଶୋଧନ କରିବାର ସମୟ ଉପନୀତ ହୋଇଛି ।**

ସୌମ୍ୟ ରଞ୍ଜନ ଦାଶ

ଭାରତୀୟ ସଂବିଧାନର ମୂଳ ଆତ୍ମା ହେଉଛି 'ଆଇନର ଶାସନ' ବା 'ରୁଲ୍ ଅଫ୍ ଲ' । ଏହି ବ୍ୟବସ୍ଥାରେ କୌଣସି ବ୍ୟକ୍ତି ବିଶେଷ ନୁହନ୍ତି, ବରଂ ଆଇନ ହିଁ ସର୍ବୋପରି । ଗଣତନ୍ତ୍ରର ସଫଳତା ପାଇଁ ପ୍ରଶାସନିକ କଳ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରିଥାଏ, ଯାହା ସରକାରୀ ନୀତି ଓ ଜନସାଧାରଣଙ୍କ ଆବଶ୍ୟକତା ମଧ୍ୟରେ ସମନ୍ୱୟ ରକ୍ଷା କରେ । କିନ୍ତୁ ବର୍ତ୍ତମାନର ବାସ୍ତବତା କିଛି ଭିନ୍ନ ଚିତ୍ର ପ୍ରଦାନ କରୁଛି । ଆଜିର ପ୍ରଶାସନିକ ବ୍ୟବସ୍ଥାରେ ଅଧିକାରୀମାନଙ୍କ ମଧ୍ୟରେ ବଢୁଥିବା ଆଇନଗତ ଅଜ୍ଞତା, ପଦବୀର ଅହଙ୍କାର ଏବଂ ସାଧାରଣ ଜନତାଙ୍କ ପ୍ରତି ଥିବା ଅନାଗ୍ରହ ମନୋଭାବ ସରକାରୀ ବ୍ୟବସ୍ଥାକୁ ଏକ ବିପର୍ଯ୍ୟସ୍ତ ସ୍ଥିତିକୁ ଠେଲି ଦେଇଛି । ଜନସାଧାରଣ ନିଜର ମୌଳିକ ଅଧିକାର ଏବଂ ସାଧାରଣ କାମ ପାଇଁ ବାରମ୍ବାର ସରକାରୀ ଦପ୍ତର ଦୌଡ଼ିବା ପରେ ଶେଷରେ ଅଣନିଶ୍ୱାସୀ ହୋଇ ଅଦାଲତର ଦ୍ୱାରସ୍ଥ ହେଉଛନ୍ତି । ଏହା କେବଳ ଏକ ବ୍ୟକ୍ତିଗତ ସମସ୍ୟା ନୁହେଁ, ବରଂ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏକ ବଡ଼ ବିରୋଧାଭାସ । ସାଧାରଣ ଜମି ଜମା ମ୍ୟୁଟେସନ୍, ପେନସନ୍ କିମ୍ବା ସାର୍ଟିଫିକେଟ୍ ଭଳି କାର୍ଯ୍ୟ ପାଇଁ ଯଦି ଜଣେ ନାଗରିକକୁ ହାଇକୋର୍ଟ ପର୍ଯ୍ୟନ୍ତ ଯିବାକୁ ପଡୁଛି, ତେବେ ବୁଝିବାକୁ ହେବ ଯେ ପ୍ରଶାସନିକ ବ୍ୟବସ୍ଥା ନିଜର ମାର୍ଗରୁ ବିଚ୍ୟୁତ ହୋଇସାରିଛି ।

ପ୍ରଶାସନିକ ଅଧିକାରୀମାନେ ଅତ୍ୟନ୍ତ କଠିନ ପରୀକ୍ଷା ମାଧ୍ୟମରେ ଚୟନ ହୋଇ ଆସିଥାନ୍ତି, ଯାହା ସେମାନଙ୍କର ବୌଦ୍ଧିକ ପ୍ରତିଭାର ପରିଚୟ ଦିଏ । କିନ୍ତୁ କେବଳ ପରୀକ୍ଷା ପାସ କରିବା କିମ୍ବା ଏକ ପ୍ରଭାବଶାଳୀ ପଦବୀ ଅଳଙ୍କୃତ କରିବା ଦ୍ୱାରା ଜଣେ ସୁଶାସକ ହୋଇପାରେ ନାହିଁ । ପ୍ରକୃତ ପ୍ରଶାସନ ପାଇଁ ଆବଶ୍ୟକ ହୁଏ ସମ୍ବେଦନଶୀଳତା ଏବଂ ଆଇନ ପ୍ରତି ସମ୍ମାନ । ଅନେକ ସମୟରେ ଦେଖାଯାଏ ଯେ, ଅଧିକାରୀମାନେ ନିଜକୁ ଜନସେବକ ବଦଳରେ ଶାସକ ମନେ କରନ୍ତି । ଯେତେବେଳେ ଜଣେ ଅଧିକାରୀ ନିଜର କ୍ଷମତାର ଅପପ୍ରୟୋଗ କରନ୍ତି କିମ୍ବା ସାଧାରଣ ନିୟମକୁ ଅଣଦେଖା କରନ୍ତି, ସେତେବେଳେ ସେ କେବଳ ଜଣେ ବ୍ୟକ୍ତିଙ୍କ ସହ ଅନ୍ୟାୟ କରନ୍ତି ନାହିଁ, ବରଂ ସମଗ୍ର ସାମ୍ବିଧାନିକ ବ୍ୟବସ୍ଥା ଉପରେ ଆକ୍ରମଣ କରନ୍ତି । ଏହି ଅହଙ୍କାର ଏବଂ ସ୍ୱେଚ୍ଛାଚାରିତା ଆଜିର ସମାଜ ପାଇଁ ଅଭିଶାପ ଭାବେ ଉଭା ହୋଇଛି । ଅଫିସରଙ୍କ ଅହଙ୍କାର ଯୋଗୁଁ ଅନେକ ସମୟରେ ନ୍ୟାୟପୂର୍ଣ୍ଣ କାର୍ଯ୍ୟ ମଧ୍ୟ ଅଟକି ରହେ, ଯାହା ଜନମାନସରେ ସରକାରଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରେ ।

ନିକଟ ଅତୀତରେ ଜଣେ ଜିଲ୍ଲାପାଳଙ୍କ ଦ୍ୱାରା ଜାରି କରାଯାଇଥିବା ମନମୁଖି ନିର୍ଦ୍ଦେଶ, ଯେପରିକି ସାଧାରଣତନ୍ତ୍ର ଦିବସରେ ଖାଦ୍ୟପେୟ ଉପରେ କଟକଣା, ଅଧିକାରୀମାନଙ୍କ ଆଇନଗତ ଅଭିଜ୍ଞତାର ଅଭାବକୁ ଦର୍ଶାଉଛି । ଭାରତୀୟ ସଂବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିର ଜୀବନ ଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା ଏକ ମୌଳିକ ଅଧିକାର । ଯେତେବେଳେ ଜଣେ ଅଧିକାରୀ ଏହି ସାମ୍ବିଧାନିକ ମର୍ଯ୍ୟାଦାକୁ ଭୁଲି ନିଜର ବ୍ୟକ୍ତିଗତ ବିଚାରଧାରାକୁ ଜନସାଧାରଣଙ୍କ ଉପରେ ଲଦି ଦିଅନ୍ତି, ସେତେବେଳେ ଗଣତନ୍ତ୍ର ବିପନ୍ନ ହୁଏ । ଏହିପରି ଅଦୂରଦର୍ଶୀ ନିଷ୍ପତ୍ତି ପ୍ରଶାସନର ଦୁର୍ବଳତା ଏବଂ ଆଇନଗତ ଅଜ୍ଞତାକୁ ହିଁ ପ୍ରତିପାଦିତ କରେ । ଯେତେବେଳେ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଆଇନର ପରିଧି ବାହାରକୁ ଯାଇ ନିର୍ଦ୍ଦେଶ ଦିଅନ୍ତି, ସେତେବେଳେ ଏହା ସୂଚାଇଥାଏ ଯେ ପ୍ରଶାସନିକ ତାଲିମ ଶୈଳୀରେ କେଉଁଠି ନା କେଉଁଠି ବଡ଼ ଧରଣର ତ୍ରୁଟି ରହିଛି ।

ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ଅଦାଲତର ଆଦେଶକୁ ଅବମାନନା କରିବା । ଜନସାଧାରଣ ଯେତେବେଳେ ପ୍ରଶାସନଠାରୁ ନିରାଶ ହୁଅନ୍ତି, ସେତେବେଳେ ସେମାନେ ନ୍ୟାୟାଳୟକୁ ଶେଷ ଆଶା ଭାବେ ଗ୍ରହଣ କରନ୍ତି । କିନ୍ତୁ ଯଦି ଅଦାଲତଙ୍କ ଆଦେଶ ପରେ ମଧ୍ୟ ଜଣେ ସରକାରୀ ଅଧିକାରୀ ତାହାକୁ କାର୍ଯ୍ୟକାରୀ କରନ୍ତି ନାହିଁ, ତେବେ ତାହା ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ବିପଦ । ସର୍ବୋଚ୍ଚ ନ୍ୟାୟାଳୟ ବହୁତ କଡ଼ା ଭାଷାରେ କହିଛନ୍ତି ଯେ, ଅଦାଲତଙ୍କ ନିର୍ଦ୍ଦେଶକୁ ସ୍ୱେଚ୍ଛାକୃତ ଭାବେ ଅବମାନନା କରିବା ହେଉଛି ଆଇନର ଶାସନ ଉପରେ ଏକ ସିଧାସଳଖ ଆକ୍ରମଣ । ସାମ୍ପ୍ରତିକ ତଥ୍ୟ ଅନୁସାରେ, ସର୍ବୋଚ୍ଚ ନ୍ୟାୟାଳୟରେ ଏବଂ ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ, ଅଦାଲତର ରାୟ କିମ୍ବା ଆଦେଶକୁ ଜାଣିଶୁଣି ଅବହେଳା କରିବା, ଅନାଦର କରିବା କିମ୍ବା ଇଚ୍ଛାକୃତ ଭାବେ ଅନୁସରଣ ନ କରିବା ଭଳି ଅନେକ ମାମଲା ବିଚାରାଧୀନ ରହିଛି । ଏହା ପ୍ରମାଣ କରେ ଯେ, ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ନ୍ୟାୟପାଳିକା ପ୍ରତି ଥିବା ଭୟ ଏବଂ ସମ୍ମାନ କ୍ରମଶଃ ହ୍ରାସ ପାଉଛି । କେବଳ ଅଦାଲତ ନୁହଁ ଅନେକ ଅଧିକାରୀ ନିଜ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ମାନିବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି ।

ଏଠାରେ ଏକ ପ୍ରଶ୍ନ ଉଠେ—ଏହା ଅଜ୍ଞତା ନା ଜାଣିଶୁଣି କରାଯାଉଥିବା ଅବହେଳା ? ଅନେକ କ୍ଷେତ୍ରରେ ଦୁର୍ନୀତି ଏବଂ ପକ୍ଷପାତିତା ପାଇଁ ଅଧିକାରୀମାନେ ଜାଣିଶୁଣି ଆଇନର ଭୁଲ୍ ବ୍ୟାଖ୍ୟା କରନ୍ତି କିମ୍ବା କାମକୁ ବିଳମ୍ବ କରାନ୍ତି । ନିମ୍ନ ସ୍ତରରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ଅଧିକାରୀମାନେ ଫାଇଲ୍ ଉପରେ ଚାପି ହୋଇ ବସିବା ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ଫାଙ୍କିବା ଏକ ନିତିଦିନିଆ ଘଟଣା ହୋଇଗଲାଣି । ଅଭିଯୋଗ ହୁଏ ଯେ ଆଜିକା ଦିନରେ ତସସିଲ ବ୍ଲକ ଆଦି କାର୍ଯ୍ୟାଳୟରେ ଅଧିକାରୀମାନେ ଫାଇଲ ପାସ କରିବା, ମୁଟେସନ କେସ, ଆର୍ ଓ ଆର କରେକ୍ସନ ଭଳି ଆଦେଶ ପାଇଲା ପରେ ମଧ୍ୟ ଜାଣିଶୁଣି ଅନେକ ଦିନ ଧରି ଅଟକେଇ ରଖିବା ଏକ ନିତିଦିନିଆ କଥା ହୋଇଗଲାଣି । ନିଜର ଆଇନଗତ ଅଜ୍ଞତା ହେଉ କିମ୍ବା ଲାଞ୍ଚ ନବାର ଇଚ୍ଛା ହଉ, ଯଦି ଜଣେ ଅଧିକାରୀ ନ୍ୟାୟାଳୟର ଆଦେଶ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଖାତିର କରୁନାହାନ୍ତି, ତେବେ ଏହା ତାଙ୍କର ଅସୀମ ଅହଙ୍କାର ଏବଂ କର୍ତ୍ତବ୍ୟହୀନତାର ଚରମ ସୀମାକୁ ଦର୍ଶାଏ । ଏହି ମନୋଭାବ ଯୋଗୁଁ ସାଧାରଣ ଲୋକଙ୍କୁ ଦୁଇମୁଖୀ ଯନ୍ତ୍ରଣା ଭୋଗିବାକୁ ପଡୁଛି । ପ୍ରଥମେ ପ୍ରଶାସନିକ ଦ୍ୱାରରେ ଅପମାନିତ ହେବା ଏବଂ ପରେ କୋର୍ଟ କଚେରୀରେ ବର୍ଷ ବର୍ଷ ଧରି ସମୟ ଓ ଅର୍ଥ ବ୍ୟୟ କରିବା । ଏହାଦ୍ୱାରା ନ୍ୟାୟ ପ୍ରଣାଳୀ ଉପରେ ମଧ୍ୟ ଅତିରିକ୍ତ ଭାର ପଡୁଛି । ଗଣତନ୍ତ୍ର ଯେତେ ସଶକ୍ତ ହେଲେ ମଧ୍ୟ ଯଦି କାର୍ଯ୍ୟପାଳିକା ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଏ ନାହିଁ, ତେବେ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ।

ଏହି ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ପ୍ରଶାସନିକ ସଂସ୍କାର ଆବଶ୍ୟକ । ପ୍ରଥମତଃ, ସରକାରୀ ଅଧିକାରୀମାନଙ୍କ ପାଇଁ ନିୟମିତ ବ୍ୟବଧାନରେ ଆଇନଗତ ଏବଂ ସାମ୍ବିଧାନିକ ଶିକ୍ଷା ଶିବିର ଆୟୋଜନ କରାଯିବା ଉଚିତ । ଦ୍ୱିତୀୟରେ, ଯେଉଁ ଅଧିକାରୀମାନେ ଜାଣିଶୁଣି ଅଦାଲତର ଆଦେଶ ଅବମାନନା କରୁଛନ୍ତି, ସେମାନଙ୍କ ବିରୋଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ତୃତୀୟରେ, ଜନସାଧାରଣଙ୍କ ମଧ୍ୟରେ ଆଇନଗତ ସଚେତନତା ବୃଦ୍ଧି କରିବାକୁ ହେବ, ଯାହାଦ୍ୱାରା ସେମାନେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ ।ଅମଲାତନ୍ତ୍ରର ଏହି ସ୍ୱେଚ୍ଛାଚାରିତା କେବଳ ବ୍ୟକ୍ତିବିଶେଷଙ୍କୁ ହଇରାଣ କରେ ନାହିଁ, ବରଂ ଗଣତନ୍ତ୍ରର ତୃତୀୟ ସ୍ତମ୍ଭ 'ନ୍ୟାୟପାଳିକା' ଉପରେ ମଧ୍ୟ ଅହେତୁକ ଚାପ ସୃଷ୍ଟି କରେ । ଯେତେବେଳେ ଜଣେ ଅଧିକାରୀ ଆଇନଗତ ଜ୍ଞାନର ଅଭାବ କିମ୍ବା ପଦବୀର ଅହଙ୍କାର ଯୋଗୁଁ କାର୍ଯ୍ୟରେ ଅବହେଳା କରନ୍ତି, ସେତେବେଳେ ସାଧାରଣ ଜନତାଙ୍କ ମଧ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଆସ୍ଥା ତୁଟିଯାଏ । ତେଣୁ, କେବଳ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଅଦାଲତଙ୍କ ଆଦେଶକୁ ଅବମାନନା କରୁଥିବା ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରି ସେମାନଙ୍କ ଦରମାରୁ ଜୋରିମାନା ଆଦାୟ ଭଳି କଠୋର ନିୟମ ପ୍ରଣୟନ ହେବା ଜରୁରୀ । ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଏବଂ ସମ୍ବେଦନଶୀଳତା ହିଁ 'ସୁଶାସନ'ର ପ୍ରକୃତ ପରିଚୟ । ଯଦି ଅମଲାତନ୍ତ୍ର ନିଜକୁ ଆଇନର ଊର୍ଦ୍ଧ୍ୱରେ ବୋଲି ଭାବିବା ବନ୍ଦ ନ କରେ, ତେବେ ସାମାଜିକ ନ୍ୟାୟ ଏବଂ ସମାନତା କେବଳ ଏକ ସ୍ୱପ୍ନ ହୋଇ ରହିଯିବ ।

ଗଣତନ୍ତ୍ରର ଭବିଷ୍ୟତ କେବଳ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ନୁହେଁ, ପ୍ରଶାସନିକ ଅଧିକାରୀଙ୍କ ଉପରେ ମଧ୍ୟ ନିର୍ଭର କରେ । ଯଦି ଏହି ମେରୁଦଣ୍ଡ ଦୁର୍ନୀତି, ଅହଙ୍କାର ଏବଂ ଅଜ୍ଞତାର ଭାରରେ ନଇଁଯାଏ, ତେବେ ଏହା ସମଗ୍ର ସମାଜକୁ ପଙ୍ଗୁ କରିଦେବ । ଅଧିକାରୀମାନଙ୍କୁ ମନେ ରଖିବାକୁ ହେବ ଯେ, ସେମାନେ ଆଇନର ସେବକ, ମାଲିକ ନୁହନ୍ତି । ଯେଉଁଦିନ ପ୍ରଶାସନର ଶେଷ ସୋପାନରେ ଥିବା ଅଧିକାରୀ ଜଣକ ସାଧାରଣ ଗରିବ ଲୋକଟିର ଆଖିରୁ ଲୁହ ପୋଛିବାରେ ନିଜର ସଫଳତା ଦେଖିବେ, ସେଦିନ ହିଁ ପ୍ରକୃତ ସୁଶାସନ ପ୍ରତିଷ୍ଠିତ ହେବ । ଗଣତନ୍ତ୍ରରେ ଜନତା ଆଜି ଏହି ପ୍ରଶ୍ନ କରୁଛନ୍ତି—"ଆମେ ଜନସେବକ ଚାହୁଁଛୁ କି ଶାସକ ?" ନ୍ୟାୟ ଉପରେ ଅନାଦର କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ଏହା ଏକ ସାମ୍ବିଧାନିକ ଅପରାଧ, ଯାହାକୁ ସଂଶୋଧନ କରିବାର ସମୟ ଉପନୀତ ହୋଇଛି ।

ମୋ ୮୮୯୫୯୫୨୩୧୫

# ଭାରତୀୟ ରାଷ୍ଟ୍ରବାଦ, ନୈତିକତା ଏବଂ ରାଷ୍ଟ୍ରଗୀତର ସାମ୍ବିଧାନିକ ସ୍ଥିତି

ଗୋପାଳ ମହାପାତ୍ର

ଭାରତର ସ୍ୱାଧୀନତା ଆନ୍ଦୋଳନର ଗଭୀର ଅଧ୍ୟୟନ କଲେ ସ୍ପଷ୍ଟ ଭାବେ ଜଣାପଡ଼େ ଯେ ସେଥିରେ ରାଷ୍ଟ୍ରବାଦର ଗୋଟିଏ ନୁହେଁ ବରଂ ଅନେକ ବୈଚାରିକ ଧାରା ସମାନ ଭାବେ ବିକଶିତ ହୋଇଥିଲା । ଶ୍ରୀ ଅରବିନ୍ଦଙ୍କ ପାଇଁ ଭାରତ କେବଳ ଏକ ଭୌଗୋଳିକ ପରିସୀମା ନଥିଲା ବା ରାଜନୈତିକ ରାଷ୍ଟ୍ର ନଥିଲା ବରଂ ତାଙ୍କ ପାଇଁ ଭାରତ ଥିଲା ଏକ ଜୀବନ୍ତ ଆଧ୍ୟାତ୍ମିକ ସତ୍ତା । ତାଙ୍କ ଚିନ୍ତନରେ ରାଷ୍ଟ୍ର ଭକ୍ତି କେବଳ ରାଜନୈତିକ କର୍ତ୍ତବ୍ୟ ନଥିଲା ଥିଲା ଆଧ୍ୟାତ୍ମିକ ସାଧନା । ଭାରତମାତାର ସେବା ତାଙ୍କ ପାଇଁ ଈଶ୍ୱର ସେବାଥିଲା । ଦ୍ୱିତୀୟ ବିଚାରଧାରା ଥିଲା ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କ ରାଷ୍ଟ୍ରବାଦ । ତିଳକ ଭାରତୀୟ ସଂସ୍କୃତି, ସଭ୍ୟତା, ଇତିହାସ ଏବଂ ଧର୍ମକୁ ରାଷ୍ଟ୍ରଜୀବନର ଆଧାର ମାନୁଥିଲେ । ତାଙ୍କର ଉଦ୍‌ଘୋଷ- 'ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର ରାଷ୍ଟ୍ରୀୟ ସ୍ୱାଧୀନତା ପ୍ରତି ତାଙ୍କର ଅତୁଟ ସଙ୍କଳ୍ପର ପ୍ରତୀକ ଅଟେ । ତିଳକଙ୍କ ପାଇଁ ଲକ୍ଷ୍ୟ ପ୍ରାପ୍ତି ସର୍ବୋପରି ଥିଲା ଏବଂ ପରିସ୍ଥିତି ଅନୁସାରେ ସଂଘର୍ଷର ବିଭିନ୍ନ ସାଧନର ଉପଯୋଗକୁ ସେ ମଧ୍ୟ ଗୁରୁତ୍ୱ ଦେଉଥିଲେ । ଗାନ୍ଧୀ ରାଷ୍ଟ୍ରବାଦକୁ ସତ୍ୟ ଅହିଂସା ଏବଂ ନୈତିକତା ଆଧାରରେ ପରିଭାଷିତ କରିଥିଲେ । ପଣ୍ଡିତ ଜବାହାରଲାଲ ନେହେରୁ ରାଷ୍ଟ୍ରବାଦକୁ ଆଧୁନିକ ବୈଜ୍ଞାନିକ ଦୃଷ୍ଟିକୋଣ, ଲୋକତାନ୍ତ୍ରିକ ମୂଲ୍ୟ, ଧର୍ମନିରପେକ୍ଷତା ଏବଂ ଅନ୍ତରାଷ୍ଟ୍ରୀୟ ସହଯୋଗ ସହ ଯୋଡିଥିଲେ ।

ରାଷ୍ଟ୍ରବାଦର ଏସବୁ ଧାରାକୁ ଅଧ୍ୟୟନ କଲେ ସ୍ପଷ୍ଟ ଯେ ଭାରତୀୟ ରାଷ୍ଟ୍ରବାଦ କେବଳ ରାଜନୈତିକ ଅବଧାରଣା ନୁହେଁ । ଏହା ସାଂସ୍କୃତିକ ସ୍ଥିତି, ଆଧ୍ୟାତ୍ମିକ ଚେତନା, ନୈତିକ ଆଦର୍ଶ ଏବଂ ଆଧୁନିକ ଲୋକତାନ୍ତ୍ରିକ ମୂଲ୍ୟର ସମନ୍ୱିତ ସ୍ୱରୂପ ଅଟେ । ଶ୍ରୀ ଅରବିନ୍ଦଙ୍କ ଚିନ୍ତନରେ ରାଷ୍ଟ୍ରବାଦ ଏବଂ ଅନ୍ତଃରାଷ୍ଟ୍ରୀୟତା ପରସ୍ପର ବିରୋଧୀ ନୁହେଁ ବରଂ ପରସ୍ପର ପୂରକ । ଶ୍ରୀ ଅରବିନ୍ଦଙ୍କ ରାଷ୍ଟ୍ରବାଦ ତିଳକଙ୍କ ସାଂସ୍କୃତିକ ଆଗ୍ରହ, ଗାନ୍ଧୀଙ୍କ ନୈତିକ ଦୃଷ୍ଟି ଆଧାରରେ ସମାହିତ କରିଥିବାର ଜଣାପଡେ । ଏହି ସନ୍ଦର୍ଭରେ ସମ୍ବିଧାନ ସଭାରେ ଡ଼କ୍ଟର ଭୀମରାଓ ଆମ୍ବେଦକରଙ୍କ ଦ୍ୱାରା ପ୍ରତିପାଦିତ ସାମ୍ବିଧାନିକ ନୈତିକତାର ଅବଧାରଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ବିଧାନ ସଭାରେ ଆଲୋଚନା ବେଳେ ଆମ୍ବେଦକର କହିଥିଲେ ଯେ କୌଣସି ଲୋକତାନ୍ତ୍ରିକ ରାଷ୍ଟ୍ରର ସଫଳ ସଞ୍ଚାଳନ ପାଇଁ ନାଗରିକମାନଙ୍କ ମଧ୍ୟରେ ସାମ୍ବିଧାନିକ ନୈତିକତାର ବିକାଶ ଜରୁରୀ । ବାସ୍ତବରେ ସାମ୍ବିଧାନିକ ନୈତିକତା କେବଳ ମୌଳିକ କର୍ତ୍ତବ୍ୟ ପାଳନ ପର୍ଯ୍ୟନ୍ତ ସୀମିତ ନୁହେଁ । ଏହା ସମ୍ବିଧାନ ପ୍ରତି ଆସ୍ଥା, ଏହାର ଆଦର୍ଶ ଏବଂ ସଂସ୍ଥାମାନଙ୍କ ପ୍ରତି ସମ୍ମାନ, ଆଇନର ଶାସନରେ ବିଶ୍ୱାସ ତଥା ରାଷ୍ଟ୍ରୀୟ ପ୍ରତୀକ ପ୍ରତି ଗୌରବପୂର୍ଣ୍ଣ ଦୃଷ୍ଟିକୋଣ କଥା ଦର୍ଶାଇଥାଏ । ଭାରତୀୟ ସମ୍ବିଧାନର ଭାଗ-(କ)ରେ ଥିବା ଅନୁଚ୍ଛେଦ ୫୧ କ(କ) ପ୍ରତ୍ୟେକ ନାଗରିକଙ୍କର ମୌଳିକ କର୍ତ୍ତବ୍ୟ ନିର୍ଦ୍ଧାରଣ କରିଛି -ନାଗରିକମାନେ ସମ୍ବିଧାନର ପାଳନ କରିବେ ତଥା ଏହାର ଆଦର୍ଶ ଏବଂ ସଂସ୍ଥା, ରାଷ୍ଟ୍ରୀୟଧ୍ୱଜ ଏବଂ ରାଷ୍ଟ୍ରଗାନର ସମ୍ମାନ କରିବେ । ରାଷ୍ଟ୍ରଗାନର ସମ୍ମାନ ନାଗରିକମାନଙ୍କର କର୍ତ୍ତବ୍ୟ ବୋଲି ସମ୍ବିଧାନ କହିଛି । ଏହା ବ୍ୟତୀତ ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଅଧିନିୟମ ୧୯୭୧ ରାଷ୍ଟ୍ରଗାନର ସମ୍ମାନକୁ ଆଇନଗତ ସୁରକ୍ଷା ପ୍ରଦାନ କରିଛି । ଏହି ଅଧିନିୟମର ଧାରା ୩ ଅନୁସାରେ ରାଷ୍ଟ୍ରଗାନର ଅପମାନ ଏକ ଦଣ୍ଡନୀୟ ଅପରାଧ । ରାଷ୍ଟ୍ରଗାନକୁ ଏହି ଭଳି ସାମ୍ବିଧାନିକ ଏବଂ ବୈଧାନିକ ସଂରକ୍ଷଣ ପ୍ରଦାନ କରାଯାଇଛି । କିନ୍ତୁ ଯେତେବେଳେ ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍‌ର କଥା ଆସେ ସେତେବେଳେ ସ୍ଥିତି ଭିନ୍ନ ଦେଖାଯାଏ । ରାଷ୍ଟ୍ରଗୀତ 'ବନ୍ଦେମାତରମ୍'କୁ ଏଯାବତ୍ ସମ୍ବିଧାନରେ ମୌଳିକ କର୍ତ୍ତବ୍ୟର ସ୍ଥାନ ଦିଆଯାଇ ନାହିଁ କି ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଅଧିନିୟମ ୧୯୭୧ରେ ରାଷ୍ଟ୍ରଗାନକୁ ଦିଆଯାଇଥିବା ଆଇନଗତ ସଂରକ୍ଷଣ ଭଳି ସଂରକ୍ଷଣ ମଧ୍ୟ ଦିଆଯାଇନାହିଁ । ଫଳରେ 'ବନ୍ଦେ ମାତରମ୍'ର ସାମ୍ବିଧାନିକ ଏବଂ ଆଇନଗତ ସ୍ଥିତିକୁ ନେଇ ଅନେକ ସମୟରେ ଭ୍ରମ ଏବଂ ବିବାଦ ସୃଷ୍ଟି ହୋଇଥାଏ । ଏଭଳି ସ୍ଥିତି ସମ୍ବିଧାନ ସଭାର ୧୯୫୦ ମସିହା ଜାନୁୟାରୀ ୨୪ ତାରିଖରେ ଅଧ୍ୟକ୍ଷ ଡ଼କ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଐତିହାସିକ ଭାବନା ବା ବକ୍ତବ୍ୟ ସହ ମେଳ ଖାଉନାହିଁ ।

ବନ୍ଦେ ମାତରମ୍ (ରାଷ୍ଟ୍ରଗୀତ) ଏବଂଜନଗଣମନ (ରାଷ୍ଟ୍ରଗାନ)କୁ ସମାନ ସମ୍ମାନ ପ୍ରଦର୍ଶନ କରିବାର ପ୍ରଶ୍ନ କେବଳ ଆଇନଗତ ସଂଶୋଧନର ବିଷୟ ନୁହେଁ ଏହା ଭାରତୀୟ ସମ୍ବିଧାନର ଆତ୍ମା, ସମ୍ବିଧାନ ସଭାର ଏତିହାସିକ ଦୃଷ୍ଟିକୋଣ ଏବଂ ଭାରତୀୟ ରାଷ୍ଟ୍ରବାଦର ବ୍ୟାପକ ଅବଧାରଣା ସହ ଜଡ଼ିତ ।

ରାମଚନ୍ଦ୍ରପୁର, ରଣପୁର, ମୋ : ୯୪୩୮୪୮୫୦୯୪

# 'ସହରାଞ୍ଚଳ ଉତ୍ତପ୍ତ ଦ୍ୱୀପ'ର ପ୍ରକୋପ

**ସହରାଞ୍ଚଳର ପରିବେଶରେ କଳକାରଖାନା, ଅଟ୍ଟାଳିକା ଓ ଯାନବାହନରୁ ଉତ୍ତାପ ନିର୍ଗତ ହୋଇଥାଏ । ସହରରେ ଥିବା ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନ ରଙ୍ଗଗୁଡ଼ିକ ବ୍ୟବହାରଦ୍ୱାରା ସଂପୃକ୍ତ ପୃଷ୍ଠଭୂମି ବେଶି ମାତ୍ରାରେ ତାପକୁ ଧରି ରଖିଥାଏ । ଶାନ୍ତ, ସ୍ଥିର ଓ ପରିଷ୍କାର ଜଳବାୟୁ ଦ୍ୱାରା ଅଧିକ ସୂର୍ଯ୍ୟ କିରଣ ସହରାଞ୍ଚଳର ଭୂମିକୁ ସ୍ପର୍ଶ କରେ ଓ ଏହା ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ବୃଦ୍ଧି କରାଇବାରେ ସହାୟତା କରିଥାଏ । ଶୀତ ତାପ ନିୟନ୍ତ୍ରକ (ଏ.ସି)ରୁ ନିର୍ଗତ ଗରମ ବାଷ୍ପ ମଧ୍ୟ ସ୍ଥାନୀୟ ଅଞ୍ଚଳକୁ ଉତ୍ତପ୍ତ କରିଥାଏ**

ଡା. ରାଜକିଶୋର ପଣ୍ଡା

ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ (ସହରାଞ୍ଚଳ ଉତ୍ତପ୍ତ ଦ୍ୱୀପ)ପ୍ରଭାବ ବାୟୁମଣ୍ଡଳର ଉତ୍ତପ୍ତୀକରଣକୁ ତ୍ୱରାନ୍ୱିତ କରିଥାଏ । ସହରମାନଙ୍କରେ ଯେତେବେଳେ ପ୍ରାକୃତିକ ସବୁଜିମା ଭରା ଭୂମିମାନଙ୍କର ସ୍ଥାନ ସିମେଣ୍ଟ କଂକ୍ରିଟ୍ ଆଦି ନେଇଥାଏ, ସେତେବେଳେ ଏହି କଂକ୍ରିଟ ପୂର୍ବର ସବୁଜିମା ଅଞ୍ଚଳ ଅପେକ୍ଷା ଅଧିକ ମାତ୍ରାରେ ତାପକୁ ଧରି ରଖିଥାଏ ଓ ଏହା ବାଟ କଢ଼ାଇ ନେଇଥାଏ ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ସୃଷ୍ଟିକୁ । ଏହାଦ୍ୱାରା ବାୟୁ ପ୍ରଦୂଷଣର ପ୍ରଭାବ, ଶୀତଳୀକରଣର ମୂଲ୍ୟ (ଏ.ସି, କୁଲର ଦ୍ୱାରା) ଓ ଗରମ ଜନିତ ଅସୁସ୍ଥତା ଆଦି ବୃଦ୍ଧି ପାଏ । ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମାନ ପରିମାଣର ଆଲୋକ, ଉତ୍ତାପ ସୂର୍ଯ୍ୟ କିରଣରୁ ପାଇଥାନ୍ତି କିନ୍ତୁ ଦୁଇଟି ସ୍ଥାନରେ ତାପମାତ୍ରାର ଫରକ ନିର୍ଭର କରିଥାଏ, ସେଠାରେ ଥିବା ପ୍ରାକୃତିକ ପୃଷ୍ଠଭୂମିର ମାତ୍ରା ଉପରେ ଏବଂ ପୃଷ୍ଠଭୂମିର ଉତ୍ତାପକୁ ଧରି ରଖିବାର କ୍ଷମତା ଉପରେ ।

ଅର୍ବାନ ହିଟ୍ ଆଇଲ୍ୟାଣ୍ଡ, ସହର ବା ମେଟ୍ରୋ ପଲିଟାନ ମଧ୍ୟରେ ଏପରି ଏକ ଅଞ୍ଚଳ ଯେଉଁଠାରେ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ । ଏହା ଏକ ମନୁଷ୍ୟକୃତ ପ୍ରକ୍ରିୟା । ଉପରୋକ୍ତ ଦୁଇଟି ଅଞ୍ଚଳ ମଧ୍ୟରେ ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟା ଯୋଗୁଁ ତାପମାତ୍ରାର ବ୍ୟବଧାନ ପାଖାପାଖି ୮୦ଡିଗ୍ରୀ ରୁ ୧୧୦ଡିଗ୍ରୀ ପର୍ଯ୍ୟନ୍ତ ହୋଇଥାଏ, ଅର୍ଥାତ୍ ସହରାଞ୍ଚଳରେ ୧୧୦ଡିଗ୍ରୀ ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ, ଗ୍ରାମାଞ୍ଚଳ ଅପେକ୍ଷା । ତାପମାତ୍ରାର ଏହି ଫରକ ରାତ୍ରି ସମୟରେ ବେଶି ଜଣାପଡ଼ିଥାଏ । ଯେତେବେଳେ ଶୀତଋତୁ ଓ ଗ୍ରୀଷ୍ମଋତୁ ନିଜ ନିଜର ଚରମରେ ଥାଆନ୍ତି ସେହି ସମୟରେ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାଟିକୁ ଆମେ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିବା ।

ସମ୍ପ୍ରତି କରାଯାଇଥିବା ଏକ ଗବେଷଣାର ଫଳାଫଳ ଅନୁଯାୟୀ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡର ଦୁଇଟି ସ୍ୱତନ୍ତ୍ର ପ୍ରଭାବ ରହିଛି । ପ୍ରଥମରେ ଏହା ଗରମ ଜନିତ ମୃତ୍ୟୁ ସଂଖ୍ୟାକୁ ବୃଦ୍ଧି କରୁଥିବାବେଳେ, ଥଣ୍ଡା ଜନିତ ମୃତ୍ୟୁ ସଂଖ୍ୟାକୁ ଦ୍ୱିତୀୟରେ ହ୍ରାସ କରିଥାଏ । ଏହି ହେତୁ ହିଁ ୨୦୧୮ ମସିହାରେ ସମଗ୍ର ବିଶ୍ୱରେ ଥଣ୍ଡା ଯୋଗୁଁ ମୃତ୍ୟୁ ସଂଖ୍ୟାରେ ହ୍ରାସ ୪.୪ ଗୁଣ ଅଧିକ ଥିଲା, ଗରମ ଯୋଗୁଁ ମୃତ୍ୟୁ ସଂଖ୍ୟାରେ ବୃଦ୍ଧିଠାରୁ । ନିର୍ଦ୍ଦିଷ୍ଟ ଭାବରେ ଏହି ଫରକଟି ମସ୍କୋ ଭଳି ସହରମାନଙ୍କରେ ଦେଖିବାକୁ ମିଳୁଛି । ଯେଉଁ ଅଞ୍ଚଳଗୁଡ଼ିକରେ ତାପମାତ୍ରା ଅନ୍ୟ ଅଞ୍ଚଳଠାରୁ ଅପେକ୍ଷାକୃତ ଭାବରେ ଅଧିକ ତଥା ସେଗୁଡ଼ିକ ଜନବହୁଳ ସେହି ଅଞ୍ଚଳଗୁଡ଼ିକୁ ସାଧାରଣ ଜନମାନସରେ ଆଜିକାଲି ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ବୋଲି କୁହାଯାଉଛି ।

ତେବେ ଏପରି ନାମକରଣର କାରଣ କ'ଣ ? ସାଧାରଣତଃ ସିମେଣ୍ଟ, କଂକ୍ରିଟ, ପ୍ଲାଷ୍ଟିକ ଆଦି ଗଛ, ଲତା, ଜଳାଶୟ ଭଳି ସବୁଜିମା ଅପେକ୍ଷା ଅଧିକ ମାତ୍ରାରେ ଉତ୍ତାପକୁ ଧାରଣ କରିପାରନ୍ତି । ପରବର୍ତ୍ତୀ ସମୟରେ ସେମାନେ ଏହି ତାପକୁ ବାୟୁମଣ୍ଡଳକୁ ନିକ୍ଷେପ ବା ବିକିରଣ କରିଥାନ୍ତି । ଏହା ସେହି ଅଞ୍ଚଳର ତାପମାତ୍ରାକୁ ଅସ୍ୱାଭାବିକ ଭାବରେ ବଢ଼ାଇ ଦେଇଥାଏ । ବହୁଳ ଭାବରେ ଥିବା କଂକ୍ରିଟ୍ ଜଙ୍ଗଲ ସହରାଞ୍ଚଳରେ ଏହି ହେତୁ ଅସହ୍ୟ ଗରମ ହୋଇଥାଏ ଓ ଏହାକୁ ନାମିତ କରାଯାଇଅଛି "ସହରାଞ୍ଚଳ ଉତ୍ତପ୍ତ ଦ୍ୱୀପ" ବା "ଅର୍ବାନ ହିଟ୍ ଆଇଲ୍ୟାଣ୍ଡ" ନାମରେ ।

ଏବେ ଆସିବା ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ହେବାର କାରଣକୁ । ସହରାଞ୍ଚଳର



ପରିବେଶରେ କଳକାରଖାନା, ଅଟ୍ଟାଳିକା ଓ ଯାନବାହନରୁ ଉତ୍ତାପ ନିର୍ଗତ ହୋଇଥାଏ । ସହରରେ ଥିବା ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନ ରଙ୍ଗଗୁଡ଼ିକ ବ୍ୟବହାରଦ୍ୱାରା ସଂପୃକ୍ତ ପୃଷ୍ଠଭୂମି ବେଶି ମାତ୍ରାରେ ତାପକୁ ଧରି ରଖିଥାଏ । ଶାନ୍ତ, ସ୍ଥିର ଓ ପରିଷ୍କାର ଜଳବାୟୁ ଦ୍ୱାରା ଅଧିକ ସୂର୍ଯ୍ୟ କିରଣ ସହରାଞ୍ଚଳର ଭୂମିକୁ ସ୍ପର୍ଶ କରେ ଓ ଏହା ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ବୃଦ୍ଧି କରାଇବାରେ ସହାୟତା କରିଥାଏ । ଶୀତ ତାପ ନିୟନ୍ତ୍ରକ (ଏ.ସି)ରୁ ନିର୍ଗତ ଗରମ ବାଷ୍ପ ମଧ୍ୟ ସ୍ଥାନୀୟ ଅଞ୍ଚଳକୁ ଉତ୍ତପ୍ତ କରିଥାଏ । ସହରମାନଙ୍କରେ ଥିବା ଉଚ୍ଚ ଅଟ୍ଟାଳିକାମାନ ବାୟୁ ପ୍ରବାହର ଗତିରେ ବାଧା ସୃଷ୍ଟି କରିଥାନ୍ତି ଓ ଏହାଦ୍ୱାରା ପ୍ରାକୃତିକ ଶୀତଳୀକରଣ ପ୍ରକ୍ରିୟା ପ୍ରତିହତ ହୁଏ । ବୃକ୍ଷ ଓ ସବୁଜିମାର ଅଭାବ, ନିର୍ମାଣ କାର୍ଯ୍ୟରେ ଅହେତୁକ ବୃଦ୍ଧି ଏବଂ ପରିବହନରେ ଉନ୍ନତି ତଥା ଏଥିରେ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର, ଏହି ସବୁ କାରଣ ଗୁଡ଼ିକର ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ସଂଘଟିତ ହେବାରେ ପରୋକ୍ଷ ଭୂମିକା ରହୁଛି ।

ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ମନୁଷ୍ୟ ଶରୀର ଉପରେ ପ୍ରଭାବ:-

ଗ୍ରୀଷ୍ମ ସମୟରେ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ସ୍ଥାନଗୁଡ଼ିକରେ ବିଦ୍ୟୁତ୍ ଶକ୍ତିର ଚାହିଦାରେ ବୃଦ୍ଧି ଘଟେ । ତେଣୁ ଅଧିକ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ହୋଇଥାଏ । ଏହାଦ୍ୱାରା ବାୟୁ ପ୍ରଦୂଷଣ ଓ ଗ୍ରୀନ ହାଉସ୍ ଗ୍ୟାସ୍‌ର ନିର୍ଗମନରେ ବୃଦ୍ଧି ହୁଏ । ମଣିଷ ଶରୀରକୁ ବାୟୁ ପ୍ରଦୂଷଣ ହାନିକାରକ ହେବା ସହିତ ଏହି ପ୍ରଦୂଷକଗୁଡ଼ିକ ବିଭିନ୍ନ ବିଷମ ବାୟୁଭିତ୍ତିକ ସମସ୍ୟା ଯେପରିକି ସ୍ମଗ, ପର୍ଟି କୁଲେଟ୍ ମ୍ୟାଟ୍ର, ଅମ୍ଳୀୟ ବର୍ଷା ଆଦି ସୃଷ୍ଟି କରିଥାନ୍ତି । ତାପମାତ୍ରା ବୃଦ୍ଧି ପାଇଲେ ସ୍ମଗର ପ୍ରାଦୁର୍ଭାବ ବୃଦ୍ଧି ପାଏ । ନାଇଟ୍ରୋଜେନ୍ ଅକ୍ସାଇଡ ଓ ଅନ୍ୟାନ୍ୟ ପ୍ରଦୂଷକର ସମ୍ମିଶ୍ରଣ, ସୂର୍ଯ୍ୟାଲୋକ ଓ ଉତ୍ତପ୍ତ ଜଳବାୟୁର ଉପସ୍ଥିତିରେ ସ୍ମଗର ସୃଷ୍ଟି ହୋଇଥାଏ । ଦିଲ୍ଲୀ ଏନ.ସି.ଆର୍ ଅଞ୍ଚଳରେ ଏହି ସ୍ମଗ୍ ଶ୍ୱାସଜନିତ ରୋଗର ମୁଖ୍ୟକାରଣ ପାଲଟିଛି ।

ଯେହେତୁ ବୃଦ୍ଧି ଓ ବୟସ୍କ ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଦୁର୍ବଳ, ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ଦ୍ୱାରା ସେମାନେ ଅଧିକ ପ୍ରଭାବିତ ହୋଇଥାନ୍ତି ।

ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ନିୟନ୍ତ୍ରଣ:-

ପ୍ରଥମ ପଦକ୍ଷେପ ଭାବରେ ଆମ୍ଭମାନଙ୍କୁ ବହୁଳ ଭାବରେ ବୃକ୍ଷରୋପଣ କରିବା ପାଇଁ ପଡ଼ିବ ଓ ସହରାଞ୍ଚଳ ମାନଙ୍କରେ ସବୁଜିମାର ପରିମାଣ ବଢ଼ାଇବାକୁ ହେବ ।

ଦ୍ୱିତୀୟ ପଦକ୍ଷେପରେ ପରୋକ୍ଷ ଶୀତଳୀକରଣ ପ୍ରକ୍ରିୟା ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଏଥିରେ ଗୃହର ନିର୍ମାଣ ପ୍ରକ୍ରିୟାରେ କିଛି ବିଶେଷ ପ୍ରଣାଳୀର ଅବଲମ୍ବନ କରାଯାଇଥାଏ, ଯାହାଦ୍ୱାରା ଗୃହ ପ୍ରାକୃତିକ ଭାବରେ ଶୀତଳ ରହିବା ସହିତ ଶୀତତାପ ନିୟନ୍ତ୍ରକର ଆବଶ୍ୟକତାରେ ହ୍ରାସ ଆସିଥାଏ ।

ତୃତୀୟ ପଦକ୍ଷେପ ସ୍ୱରୂପ ଆମେ ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନରଙ୍ଗ ପରିବର୍ତ୍ତେ "ଧଳା" ଭଳି ହାଲୁକା ରଙ୍ଗ ବ୍ୟବହାର କଲେ, ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ପ୍ରକୋପ କମିଯିବ ।

ନିକଟରେ ନାସା ଦ୍ୱାରା ଉଠାଯାଇଥିବା ଫଟୋଚିତ୍ରରୁ ଜଣାପଡ଼ିଛି କି ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ଦେଶର ରାଜଧାନୀ ଦିଲ୍ଲୀରେ ବେଶି ମାତ୍ରାରେ ପରିଲକ୍ଷିତ ହେଉଅଛି । ଦିଲ୍ଲୀର ଗ୍ରାମାଞ୍ଚଳ ତୁଳନାରେ, ରାଜଧାନୀ ଅଞ୍ଚଳରେ ଏହା ବେଶୀ ମାତ୍ରାରେ ଘଟୁଛି । ତେଣୁ ଏବେଠାରୁ ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ନେଲେ, ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ଭବିଷ୍ୟତରେ ନିୟନ୍ତ୍ରଣ କରାଯାଇପାରିବ ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ଦେବୀ ନଦୀ ବୁରୁଜରୁ ଖସିଲା ପଥର ପ୍ୟାକିଂ

ନିଆଳି(ନିପ୍ର): ନିଆଳି ବ୍ଲକ ଷଡାଂଶ ପଞ୍ଚାୟତ ଅନ୍ତର୍ଗତ ଦେବୀ ନଦୀର କଣ୍ଟିଶାଳ ଠାରେ ଦେବୀ ନଦୀ ବନ୍ଧ ବୁରୁଜ ପାର୍ଶ୍ୱରୁ ପଥର ପ୍ୟାକିଙ୍ଗ୍ ଖସି ପଡିବା ଯୋଗୁଁ ନଦୀ ବନ୍ଧ ପ୍ରତି ବିପଦ ଦେଖାଦେଇଛି। ପ୍ରତିବର୍ଷ ଦେବୀ ନଦୀ ବନ୍ୟାର ପ୍ରଖର ସୁଅରେ କଣ୍ଟିଶାଳ ଠାରେ ନଦୀ ବନ୍ଧ ଖାଇ ଯାଉଥିବାରୁ ନଦୀ ଏହାର ସୁରକ୍ଷା ପାଇଁ ୫ କୋଟି ୬୧ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟରେ ପଥର ପ୍ୟାକିଙ୍ଗ୍ ବୁରୁଜ ନିର୍ମାଣ କରାଯାଇଥିଲା। ମାତ୍ର କାମ୍ ଠିକ୍ ଭାବେ ହୋଇ ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତି ବନ୍ୟା ଆଶଙ୍କା ସୃଷ୍ଟି କରିପାରେ ବୋଲି ନଦୀ ପାର୍ଶ୍ୱବର୍ତ୍ତୀ ଲୋକେ ଆଶଙ୍କା ବ୍ୟକ୍ତ କରିଥିବାବେଳେ ଏଠାରେ ନଦୀ ବନ୍ଧ ପ୍ରତି କୌଣସି ବିପଦର ଆଶଙ୍କା ନାହିଁ ବୋଲି ଜଳ ସଂପଦ ବିଭାଗ ପକ୍ଷରୁ ବିଭାଗୀୟ ଉପ ମଣ୍ଡଳ ଅଧିକାରୀ ଜ୍ୟୋତିରଂଜନ ବେହେରା କହିଛନ୍ତି। ପଥର ପ୍ୟାକିଙ୍ଗ୍ ଖସିଥିବା ସ୍ଥାନରେ



ବାଲିବସ୍ତା ଦିଆଯାଇ ନଦୀବନ୍ଧକୁ ବିପଦ ମୁକ୍ତ କରାଯାଇଥିବା ବେଳେ ନଦୀବନ୍ଧ ଉପରେ ଜଳସଂପଦ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ଦିଆଯାଇଛୀ ବୋଲି ଏସ୍‌ଡିଓ କହିଛନ୍ତି। ଖବର ପାଇବା ପରେ ରାଜ୍ୟ ବିଜେପି ମୁଖପାତ୍ର ରାଜେନ୍ଦ୍ର ପ୍ରସାଦ ପଣ୍ଡା କଣ୍ଟିଶାଳ ନଦୀ ବନ୍ଧ ଠାରେ ପହଞ୍ଚି ବିପଦ ସଙ୍କୁଳ ନଦୀବନ୍ଧ ଅନୁଧ୍ୟାନ କରିବା ସହ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ଏଠାରେ ନଦୀବନ୍ଧର ସୁରକ୍ଷା ପାଇଁ ସ୍ଥାୟୀ ପ୍ରତିକାର କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ପଣ୍ଡାଙ୍କ ସହ ଆଇନଜୀବୀ ମହାପାତ୍ରଧରଣୀ ଧର ପଣ୍ଡା,ବରିଷ୍ଠ ସାମ୍ବାଦିକ ଏସ୍.ବେହେରାଙ୍କ ସହ ବହୁ ବ୍ୟକ୍ତିବିଶେଷଙ୍କ ସହ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ବୋଲ୍‌ବମ୍ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,(ନିପ୍ର): ଶ୍ରାବଣ ମାସର ପ୍ରଥମ ସୋମବାର ଜଳାଭିଷେକ ଓ ପୂଜା ପାଇଁ ସ୍ତ୍ରୀଙ୍କୁ ଫୁଲ ତୋଳିବାକୁ କହି ସ୍ୱାମୀ ଶୌଚ ହେବାଲାଗି ଗାଁ ନିକଟ ବନ୍ଧକୁ ଯାଇ ଶବ ହୋଇ ଘରକୁ ଫେରିଲେ । ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ତବାରସିଂ ଗ୍ରାମପଞ୍ଚାୟତ ଖଜୁରୀଡ଼ିଅ ଗ୍ରାମରେ । ଖଜୁରୀଡିଅ ଗ୍ରାମର ତାରିଣୀ ଦଳେଇଙ୍କ ୨୭ ବର୍ଷୀୟ ରୋଜଗାରିଆ ପୁଅ ଆନନ୍ଦ ଦଳେଇ ପରିବାର ସଦସ୍ୟଙ୍କ ସ୍ୱପ୍ନ ଗୁଡିକୁ ସାକାର କରିବା ପାଇଁ ମାନସିକ କରି ଚଳିତ ଶ୍ରାବଣ ମାସର ୨୯ ତାରିଖରେ ତବାରସିଂ ବୋଲ୍ ବମ୍ ସଙ୍ଘରେ ସଂକଳ୍ପ ନେଇଥିଲେ। ଶୌଚ ପରେ ଗାଧୋଇବା ପାଇଁ ବନ୍ଧକୁ ଯାଇ ଆଉ ଫେରି ନଥିଲେ । ବହୁ ସମୟ ଧରି ଯୁବକ ଜଣକ ନ ଆସିବାରୁ ପରିବାର ଲୋକଙ୍କ ମନରେ ପାପ ଛୁଇଁ ଖୋଜା ଖୋଜି କରି ବନ୍ଧ ନିକଟକୁ ସାନ ଭାଇ ଯାଇ ଦେଖିବା ବେଳେ ବଡ ଭାଇ ଭାସୁଥିବା ଦେଖି ବାପା ଓ ଗ୍ରାମବାସୀ ଓ ବୋଲ୍ ବମ୍ ସଙ୍ଘରେ ଜଣେଇଥିଲା। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହଯୋଗରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଆନନ୍ଦଙ୍କ ମୃତ୍ୟୁ ହୋଇଥିବା ଖବର ଶୁଣୀ ସ୍ତ୍ରୀ ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି । ୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# କଲିଆ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

ଡାବୁଗାଁ,୩।୮(ନିପ୍ର) ଶ୍ରାବଣ ମାସର ପ୍ରଥମ ସୋମବାରରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବ ପୀଠରେ ସକାଳୁ ବୋଲ ବମ ଭକ୍ତଙ୍କ ଭିଡ ଜମିଥିଲା । ଆଜି ଭୋର ୩ ଘ ସମୟରୁ କେଲିଆ ଶୈବ ପୀଠରେ ଭକ୍ତ ମାନେ ପହଞ୍ଚି ଧାଡି ବାନ୍ଧି ଜଣେ ଜଣେ ବାବା ଝଡେଶ୍ୱର ମହାଦେବଙ୍କ ଉପରେ ଜଳ ଢାଳି ଅଭିଷେକ କରି ପୂଜାର୍ଚ୍ଚନା କରିଥିଲେ । ଶାନ୍ତି ଶୃଙ୍ଖଳାର ସହ କାଉଡିଆମାନେ ଶ୍ରୀ ଝଡେଶ୍ୱର ମହାଦେବଙ୍କୁ ଜଳ ଲାଗି କରିବା ସହ ଦର୍ଶନ କରିଥିଲେ । ଏଠାରେ ପ୍ରାୟ ୫



ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। କେଲିଆ ମନ୍ଦିର କମିଟି ପକ୍ଷରୁ ମଧ ଭକ୍ତଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା କେଲିଆ ମନ୍ଦିର ସମ୍ପାଦକ ଦେବରାଜ ପାତ୍ର ଏବଂ କେଲିଆ ମନ୍ଦିର କୋଷାଧକ୍ଷ ଜି ସାଇରଜୁ ସୂଚନା ଦେଇଥିଲେ । ଏହା ସହ ଡାବୁଗାଁ, ବିରିସୋଲା, ବାଘବେଢ଼ା ଓ ଜୁନାପାଣି ଶିବ ମନ୍ଦିରରେ ମଧ କାଉଡିଆ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଭିନ୍ନ ଶୈବପୀଠ ମାନଙ୍କରେ ଭକ୍ତ ମାନଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା ।

# ସରକାରୀ କାର୍ଯ୍ୟାଳୟରେ ମୂଲ୍ୟବାନ ଗଛଗୁଡ଼ିକୁ ବିନା ଅନୁମତିରେ କାଟିହେବ !

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ କଦଳୀଗଡରେ ଥିବା ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନ କଦଳୀଗଡ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ଭିତରେ କଟର ସାହାଯ୍ୟରେ କଟାଯାଇଛି ବଡବଡ ମୂଲ୍ୟବାନ୍ ଗଛ । ପାଖାପାଖି ୫ଟି ଶାଗୁଆନ, ଶିମିଳି ଓ ଚାଖୁଣ୍ଡା ଗଛକୁ କାଟି ୨୩ଖଣ୍ଡ ଛୋଟଛୋଟ ଗଣ୍ଡି କରି ରାତାରାତି ପାର୍ କରିବାରେ ଚାଲିଥିଲା ଷଡ଼ଯନ୍ତ୍ର।



ରେଞ୍ଜ ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ଏଭଳି ଘଟଣା ଘଟୁଥିଲେ ମଧ୍ୟ ବନବିଭାଗ ପାଖରେ କୌଣସି ସୂଚନା ନଥିଲା । ପାଖାପାଖି ୧୧ ରୁ ଉର୍ଦ୍ଧ୍ୱ ୧୦/ ୧୫ ବର୍ଷର ପୁରୁଣା ବଡ଼ବଡ଼ ଶାଗୁଆନ ଗଛ ସବୁକୁ କଟର ସାହାଯ୍ୟରେ କାଟି ଦିଆଯାଇଛି। ରେଞ୍ଜ ଅଧିକାରୀଙ୍କ ଉପସ୍ଥିତିରେ ଜଙ୍ଗଲ ବିଭାଗର ବିନା ଅନୁମତିରେ ଗଛ କଟାଯାଇ ଥିବା ପ୍ରାଥମିକ ତଦନ୍ତରୁ ପ୍ରଥମେ ଜଣାପଡିଥିଲା । ଘଟଣା ସମ୍ପର୍କରେ ରେଞ୍ଜ ଅଧିକାରୀଙ୍କୁ ପଚାରିବାରୁ ଆଠମଲ୍ଲିକ ଡିଏଫଓଙ୍କ ରେଢ଼ାଖୋଲ ଜଙ୍ଗଲ ବିଭାଗ ଡିଏଫଓଙ୍କୁ ଚିଠି କରିଥିବା ସହ ତାଙ୍କର ନିର୍ଦ୍ଦେଶକ୍ରମେ ପାଚେରୀ ଉପରେ ଢଳି ପଡିଥିବା କିଛି ଶାଗୁଆନ ଗଛକୁ ଆମେ କେବଳ ସଫା କରି ଦେଇଛୁ ବୋଲି ସେ କହିଥିଲେ । କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ।ପୂର୍ବରୁ ଢଳି ପଡିଥିବା ଗଛ ବଦଳରେ ଏଠାରେ ଭଲ ଭଲ ଶାଗୁଆନ ଗଛ ଗୁଡିକୁ ମୂଳରୁ କାଟି ଦିଆଯାଇଛି ।ଗଣ୍ଡି ଗୁଡିକୁ ସମାନ୍ତରାଳ ଭାବେ କାଟି ରଖାଯାଇଛି। ଜଙ୍ଗଲ ବିଭାଗ ଦାୟିତ୍ୱରେ ଥିବା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଲ ରେଞ୍ଜ ଅଧିକାରୀଙ୍କ କହିବା ଅନୁଯାଇ ଏ ନେଇ ତାଙ୍କ ପାଖରୁ କୌଣସି ଅନୁମତି ନିଆଯାଇ ନାହିଁ କି ଡିଏଫଓଙ୍କ ନିକଟରୁ ମଧ୍ୟ କିଛି ନିର୍ଦ୍ଦେଶ ଆସିନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ ।ଘଟଣାକୁ ନେଇ ସମଗ୍ର କଦଳୀଗଡ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଏତେ ବର୍ଷର ପୁରୁଣା ଶାଗୁଆନ ଗଛ ସବୁକୁ ରେଞ୍ଜ ଅଧିକାରୀ କିପରି ମନଇଚ୍ଛା କାଟିଲେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି ।ସାଧାରଣ ଜନତା ଗଛଟିଏ କାଟିଦେଲେ ଫାଇନ ଉପରେ ଫାଇନ ଲାଗୁଥିବା ବେଳେ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେବା ଦାୟିତ୍ୱରେ ଥିବା ବିଭାଗର ଏ କିପରି ନୀତି ବୋଲି ଲୋକେ କହୁଛନ୍ତି। ଅନ୍ୟପଟେ ଏହାକୁ ନେଇ ସୋମବାର କିଛି ଗଣମାଧ୍ୟମ ପ୍ରତିନିଧି ରେଢ଼ାଖୋଲ ଜଙ୍ଗଲ ବିଭାଗ ଡିଏଫଓଙ୍କୁ ପଚାରିବାରୁ ସେ ଏ ବାବଦକୁ କିଛି କହିବାକୁ ମନା କରିବା ସହ କୌଣସି ବ୍ୟକ୍ତି ଙ୍କ ଜାଗାରେ କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ ଭିତରେ ଏମିତି ମୂଲ୍ୟବାନ୍ ଯେତେ ଗଛ ଥିଲେବି ତାକୁ ବନ ବିଭାଗର ବିନା ଅନୁମତିରେ ସିଧାସଳଖ କାଟି ପାରିବେ ବୋଲି କହିଥିଲେ । ଯେତେବେଳେ ଗଛ ଗୋଟେ କାଟିବାକୁ ହେଲେ ଲୋକେ ଜଙ୍ଗଲ ବିଭାଗର ଅନୁମତି ଆଣୁଥିବା ବେଳେ ଏଠାରେ ଡିଏଫଓ କିନ୍ତୁ ଅନୁମତି ଦରକାର ନାହିଁ ବୋଲି କହିବା କେତେ ଦୂର ଠିକ୍ ବୋଲି ପରିବେଶବିତ୍ ଓ ସାଧାରଣ ମହଲରେ ଚର୍ଚ୍ଚା ହେଉଛି ।

# ଇନ୍ଦ୍ରାଣୀ ସାହୁଙ୍କୁ ଘର ମିଳିବ କେବେ ?

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ତୁର୍ଲାଖମନ ଗ୍ରାମରୁ ଆସିଛି ଏକ ହୃଦୟବିଦାରକ ଘଟଣା। ସରକାରଙ୍କ ବାସଗୃହ ଯୋଜନା ଥିଲେ ମଧ ଆଜି ପର୍ଯ୍ୟନ୍ତ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ପାଇନାହାନ୍ତି ଜଣେ ବିଧବା। ବର୍ଷ ପରେ ବର୍ଷ ସରକାରୀ କାର୍ଯ୍ୟାଳୟ ଦୌଡ଼ି ଥକିପଡ଼ିଥିବା ଏହି ମହିଳା ଏବେ ସିଧାସଳଖ ସରକାରଙ୍କୁ ସହାୟତା ପାଇଁ ଗୁହାରି କରିଛନ୍ତି।



ସରକାର ମୋ କଥା ଟିକେ ଶୁଣନ୍ତୁ ଏହା କୌଣସି ନାଟକର ସଂଳାପ ନୁହେଁ, ବରଂ ଜଣେ ଅସହାୟ ବିଧବାଙ୍କ ଆଖିର ଲୁହରେ ଭିଜା ନିବେଦନ। ଏହି ମହିଳା ହେଉଛନ୍ତି ଇନ୍ଦ୍ରାଣୀ ସାହୁ, ବୟସ ୫୨ ବର୍ଷ। ତାଙ୍କ ସ୍ୱାମୀ ସ୍ୱର୍ଗତ ଜଗନ୍ନାଥ ସାହୁ ପ୍ରାୟ ୨୦ ବର୍ଷ ପୂର୍ବରୁ ପରଲୋକ ଗମନ କରିଥିଲେ। ସେହିଦିନଠାରୁ ଦୁଃଖ, କଷ୍ଟ ଓ ସଂଘର୍ଷ ହିଁ ହୋଇଯାଇଛି ତାଙ୍କ ଜୀବନର ସାଥୀ। ସ୍ୱାମୀଙ୍କୁ ହରାଇବା ପରେ ଶ୍ରମିକ ଭାବେ ଦିନ ମଜୁରି କାମ କରି ନିଜର ପୁଅ ଓ ଝିଅଙ୍କୁ ପାଳନ ପୋଷଣ କରିଆସୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କ ପରିବାର ପାଇଁ ରହିବାକୁ ଗୋଟିଏ ପକ୍କା ଘର ମିଳିନାହିଁ। ଆଜି ବି ସେମାନେ ଏକ ଭଙ୍ଗା ଝାଟିମାଟି କୁଡ଼ିଆ ଘରେ ଜୀବନ କାଟୁଛନ୍ତି। ବର୍ଷା ହେଲେ ଛାତରୁ ପାଣି ଝରେ, କାନ୍ଥ ଭାଙ୍ଗି ପଡ଼ିବାର ଭୟ ରହେ। ପ୍ରତ୍ୟେକ ବର୍ଷା ରାତି ତାଙ୍କ ପାଇଁ ଏକ ନୂଆ ଆତଙ୍କ ନେଇ ଆସେ। ଇନ୍ଦ୍ରାଣୀ ସାହୁଙ୍କ କହିବା ଅନୁସାରେ, ସେ ଅନେକ ଥର ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଛନ୍ତି। ବାରମ୍ବାର କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ସେ ଥକିପଡ଼ିଛନ୍ତି। କିନ୍ତୁ ତାଙ୍କ ଅଭିଯୋଗ ଅନୁସାରେ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସହାୟତା ମିଳିନାହିଁ।

ଏବେ ତାଙ୍କର ଶେଷ ଆଶା ସରକାର। ସେ କେବଳ ଗୋଟିଏ ସୁରକ୍ଷିତ ଘର ଚାହୁଁଛନ୍ତି, ଯେଉଁଠାରେ ସେ ଓ ତାଙ୍କ ପରିବାର ନିରାପଦରେ ବଞ୍ଚିପାରିବେ।ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଶ୍ନ ଉଠୁଛି—ଯଦି ସରକାରଙ୍କ ବାସଗୃହ ଯୋଜନା ରହିଛି, ତେବେ ଇନ୍ଦ୍ରାଣୀ ସାହୁଙ୍କ ଭଳି ଜଣେ ଅସହାୟ ବିଧବା କାହିଁକି ଆଜି ପର୍ଯ୍ୟନ୍ତ ଘର ପାଇନାହାନ୍ତି ? ତାଙ୍କ ଦୀର୍ଘଦିନର ଗୁହାରି କେବେ ଶୁଣାଯିବ ? ଏବେ ଦେଖିବାକୁ ବାକି ରହିଲା, ଏହି ଖବର ପ୍ରସାରଣ ପରେ ପ୍ରଶାସନ କିମ୍ବା ସରକାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉଛି କି ନାହିଁ। ଏନେଇ ସ୍ଥାନୀୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି।

# ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,(ନିପ୍ର): ମଡେଲ ଥାନା, ପାରଳାଖେମୁଣ୍ଡି ପୋଲିସ ଏକ ଡକାୟତି ମାମଲାକୁ ଘଟଣାର ମାତ୍ର ଦୁଇ ଘଣ୍ଟା ମଧ୍ୟରେ ସଫଳତାର ସହ ପର୍ଦ୍ଦାଫାସ କରି ଲୁଟ ହୋଇଥିବା ରୁ. ୫,୦୦,୦୦୦ ସମ୍ପୂର୍ଣ୍ଣ ଟଙ୍କା ଉଦ୍ଧାର କରିବା ସହ ଦୁଇ ଜଣ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ତା. ୦୧.୦୮.୨୦୨୬ ଦିନ ଅପରାହ୍ନ ୩.୦୦ ଘଟିକାରେ, ଗୁରାଣ୍ଡି ଥାନା ଅନ୍ତର୍ଗତ ସଇଲାଡା ଗ୍ରାମର ଏମ୍. ସୂର୍ଯ୍ୟ ରାଓ (୫୮) ମଡେଲ ଥାନାରେ ଏକ ଲିଖିତ ଏତଲା ଦେଇ ଜଣାଇଥିଲେ ଯେ, ସେହି ଦିନ ଦିନ ୧.୨୦ ଘଟିକା ସମୟରେ ସେ ପାରଳାଖେମୁଣ୍ଡି ଏସ୍.ବି.ଆଇ. ମୁଖ୍ୟ ଶାଖାରୁ ରୁ. ୫,୦୦,୦୦୦ ଉଠାଇ ନିଜ ମୋଟରସାଇକେଲର ହ୍ୟାଣ୍ଡେଲରେ ଥିବା ବ୍ୟାଗରେ ରଖିଥିଲେ । ସେହି ସମୟରେ ଦୁଇଟି ମୋଟରସାଇକେଲରେ ଆସିଥିବା ଚାରି ଜଣ ଦୁର୍ବୃତ୍ତ ତାଙ୍କୁ ଘେରି ଦେଇଥିଲେ। ଜଣେ ଦୁର୍ବୃତ୍ତ ରାସ୍ତାରେ କିଛି ଟଙ୍କା ଫିଙ୍ଗି ତାଙ୍କ ଧ୍ୟାନ ଅନ୍ୟତ୍ର କରିଥିବା ବେଳେ ଅନ୍ୟ ଜଣେ ତାଙ୍କୁ ଠେଲି ଦେଇଥିଲେ । ଏହି ସୁଯୋଗରେ ଅନ୍ୟ ଜଣେ ଅଭିଯୁକ୍ତ ରୁ. ୫,୦୦,୦୦୦ ବ୍ୟାଙ୍କ ପାସବୁକ ଓ ଚେକ ବୁକ ଥିବା ବ୍ୟାଗକୁ ଛଡାଇ ନେଇ ସମସ୍ତେ ଦୁଇଟି ମୋଟରସାଇକେଲରେ ଫେରାର ହୋଇଯାଇଥିଲେ । ଏହି ଏତଲା ଆଧାରରେ ମଡେଲ ଥାନା କେସ୍ ନଂ-୩୧୯, ତା. ୦୧.୦୮.୨୦୨୬, ଧାରା ୩୦୯(୪) ବି.ଏନ୍.ଏସ. ରେ ମାମଲା ରୁଜୁ କରାଯାଇ ତୁରନ୍ତ ତଦନ୍ତ ଆରମ୍ଭ କରାଯାଇଥିଲା ତଦନ୍ତ ସମୟରେ ଏସ୍.ବି.ଆଇ. ମୁଖ୍ୟ ଶାଖା ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା । ସେଥିରେ ଘଟଣା ଓ ଅଭିଯୁକ୍ତମାନଙ୍କ ଗତିବିଧି ସ୍ପଷ୍ଟ ଭାବେ ରେକର୍ଡ ହୋଇଥିବା ଜଣାପଡ଼ିଥିଲା ଉକ୍ତ ଫଟୋ ଓ ଭିଡିଓକୁ ତୁରନ୍ତ ପଡ଼ୋଶୀ ଥାନା ଓ ଜିଲ୍ଲା ସୀମାରେ ଥିବା ପୋଲିସ ଥାନାମାନଙ୍କୁ ପଠାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତକୁ ପଠାଯାଉଛି। ଫେରାର ଥିବା ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସର ତଲାସୀ ଜାରି ରହିଛି। ମାମଲାର ତଦନ୍ତ ଚାଲୁ ରହିଛି।



# ଜଳାଭିଷେକ ପାଇଁ ବିଭିନ୍ନ ଶୈବପୀଠରେ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ

ରାୟଗଡ଼ା,(ନିପ୍ର): ରାୟଗଡା ଜିଲ୍ଲାର ଦେବଗିରି,ଧବଳେଶ୍ୱର, ବାଲୁଙ୍କେଶ୍ୱର, ବିଶ୍ୱନାଥ, ପାତାଳେଶ୍ୱର ଶିବାଳୟରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ। କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଜପତି ସମେତ ବିଭିନ୍ନ ଜିଲ୍ଲାରୁ ଶିବଭକ୍ତ, ଓ କାଉଡ଼ିଆ ବ୍ରତଧାରୀ ଭକ୍ତ ମାନେ ଆସି ରାୟଗଡା ଜିଲ୍ଲାର ବିଭିନ୍ନ ଶୈବପୀଠକୁ ହରହର ମହାଦେବ, ଭୋଲାବାବା ପାର କରେଗା ଆଦି ଧ୍ୱନି ଦେଇ ନାଗାବଳି, ବଂଶଧାରା, କଲ୍ୟାଣୀ, ଝଞ୍ଜାବତୀ, ଆଦି ନଦୀକୁ ଯାଇ ପୂଜାର୍ଚ୍ଚନା କରି ଜଳଧରି ଶିବ ମହାଦେବଙ୍କୁ ସ୍ମରଣ କରି ବିଭିନ୍ନ ଶିବାଳୟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ବଡ଼ି ଭୋରରୁ ଲମ୍ବା ଧାଡି ଦେଖିବାକୁ ମିଳିଥିଲା।

# ଡ୍ରେସ ଯୋଗାଣ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା !

ରାୟଗଡ(ନି:ପ୍ର)କାଶୀପୁର ବ୍ଲକ ପ୍ରାକ ବିଦ୍ୟାଳୟ (ପ୍ରି ସ୍କୁଲ)ଡ୍ରେସ ଯୋଗାଣରେ ଟେଣ୍ଡର ପ୍ରକ୍ରିୟାରେ ଗୁରୁତର ଅନିୟମିତତା, ଓ ପକ୍ଷପାତ, ଅବୈଧ ଅର୍ଥ ଦାବୀ ଏବଂ ଦୁର୍ନୀତି ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ଏକ ସ୍ୱୟଂ ସହାୟକ ଗୋଷ୍ଠି ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛି। ରାୟଗଡା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମା କାଳିଜାଇ ସ୍ୱୟଂ ସହାୟିକା ଗୋଷ୍ଠି କାଶୀପୁର ବ୍ଲକର ସଦସ୍ୟାମାନେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରି ପ୍ରି ସ୍କୁଲ ଡ୍ରେସ ଯୋଗାଣ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି, ପକ୍ଷପାତ, ଅବୈଧ ଅର୍ଥ ଦାବି କରାଯାଉଥିବା ନେଇ ସିଡିପିଓଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି। ଏଥିସହିତ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ପାଇଁ ଦାବି କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ କାଶୀପୁର ସିଡିପିଓ ନିଜର ବ୍ୟକ୍ତିଗତ ପ୍ରୟୋଜନ ପାଇଁ ୩୦, ୦୦୦(ତିରିଶି ହଜାର)ଟଙ୍କା ଦାବୀ କରିଥିଲେ। ସେହି ଦାବୀ ପ୍ରକାରେ ସଦସ୍ୟାମାନେ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ ମଧ ସେମାନଙ୍କୁ କୌଣସି ନ୍ୟାୟସଙ୍ଗତ ସୁବିଧା କିମ୍ବା ଟେଣ୍ଡର କାର୍ଯ୍ୟାଦେଶ ପ୍ରଦାନ କରାଯାଇନଥିଲା। ଏହାର କାରଣ ସ୍ୱରୂପ ସ୍ୱୟଂ ସହୟିକା ଗୋଷ୍ଠୀର ସଦସ୍ୟା ମାନେ ଆହୁରି ଜଣାଇଛନ୍ତି ଯେ, ସିଡିପିଓ ଟେଣ୍ଡର କାର୍ଯ୍ୟାଦେଶ ପ୍ରଦାନ କରିବା ପାଇଁ ଆହୁରୀ ୧ ଲକ୍ଷ ଟଙ୍କା ଦାବୀ କରିଥିଲେ। ସିଡିପିଓଙ୍କ ଉକ୍ତ ବେଆଇନ ଅର୍ଥଦାବୀକୁ ସଦସ୍ୟା ମାନେ ରୋକଠୋକ ଭାବେ ମନା କରିଦେବାରୁ ସେମାନଙ୍କ ବୈଧ ଟେଣ୍ଡରକୁ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ବାତିଲ କରାଯାଇଥିଲା ବୋଲି ସେମାନେ ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି।

# ଡକାୟତି ଯୋଜନା ବେଳେ ୫ ଗିରଫ

ରାଉରକେଲା,(ନିପ୍ର): ଅଗଷ୍ଟ ୨ ଓ ୩ ତାରିଖ ରାତିରେ ପ୍ଲାଣ୍ଟସାଇଟ୍ ଥାନା ଏସ୍‌ଆଇ ୟୁ.କେ. ଆହିର ଅନ୍ୟାନ୍ୟ ପୋଲିସ୍ କର୍ମଚାରୀଙ୍କ ସହିତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେହି ଅଭିଯୁକ୍ତ ହେଲେ ଏସ୍ କେ ତାଜ, ପବନ ସାହୁ, ଜିତେନ୍ଦ୍ର କୁମାର ସା, ଅମିତ ପ୍ରସାଦ ଏବଂ ଜସବନ୍ତ ଛୁରା ଓରଫ୍ ଜଶା।

ଅଭିଯୁକ୍ତମାନେ ରାଉରକେଲା ନୟାବଜାର ଛକ ନିକଟସ୍ଥ ଯାତ୍ରୀ



ବିଶ୍ରାମାଗାରର ପଛ ପଟେ ଏକ ନିର୍ଜ୍ଜନ ସ୍ଥାନରେ ଏକତ୍ରିତ ହୋଇ ଖଣ୍ଡା, ଭୁଜାଲି (କାତି), ଲୁହା ରଡ୍ ସହ ସଜ୍ଜିତ ହୋଇ ଡକାୟତି କରିବା ପାଇଁ ପ୍ରସ୍ତୁତି ହେଉଥିଲେ। ପଥଚାରୀ, ନିକଟବର୍ତ୍ତୀ ଘର, ଦୋକାନ, ପେଟ୍ରୋଲ ପମ୍ପରୁ ଡକାୟତି କରିବା ପାଇଁ ଲୁହା ରଡ୍ ଧରି ବାହାରି ଥିଲେ। ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଫଳରେ ଏକ ଜଘନ୍ୟ ଅପରାଧକୁ ରୋକାଯାଇପାରିଥିଲା। ଏଥିସହିତ ଅପରାଧୀମାନଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଥିଲା।

ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧିନସ୍ଥ ରେଲୱେ କଲୋନୀ ୱାର୍ଡ ନମ୍ବର ୧୨ର ଏସ୍ କେ. ତାଜ (୨୦), ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଲୱେ କଲୋନୀ ୱାର୍ଡ ନଂ-୧୨ର ପଓ୍ୱନ ସାହୁ (୧୯), ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧିନସ୍ଥ ଗୋପବନ୍ଧୁପାଲ୍ଲିର ଜିତେନ୍ଦର କୁମାର ଶା (୧୯), ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ବଲଣ୍ଡାର ଅମିତ୍ ପ୍ରସାଦ (୨୫) ଏବଂ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ନିକଟ ହରିଜନ ବସ୍ତିର ଜଶବନ୍ତ ଖୁରା ଓରଫ୍ ଜଶା (୨୬)। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି (କାତି) ଏବଂ ଦୁଇଟି ଲୁହା ରଡ୍ ଜବତ କରାଯାଇଛି ।

୫ ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ଲାଣ୍ଟସାଇଟ୍ ଥାନାରେ ବିଏନ୍ଏସ୍ ଧାରା ୩୧୦(୪)/୩୧୦(୫) ଏବଂ ଅସ୍ତ୍ରଶସ୍ତ୍ର ଆଇନର (୨୫)(୧)(କ) ଧାରା ଅନୁଯାୟୀ କେସ୍ ନମ୍ବର-୮୦୦/ ତାରିଖ ୦୨.୮.୨୦୨୬ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ‘ଚାଷ ନଷ୍ଟ ହେଲା, ଦାଦନ ଖଟିବାକୁ ଯିବୁ’

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସୁକୁନାଭଟା ଗ୍ରାମରେ ବନ୍ୟା ପାଣି ଚାଷୀଙ୍କ ସ୍ୱପ୍ନକୁ ଭସାଇ ଦେଇଛି। ଲଗାଣ ବର୍ଷା ଓ ବନ୍ୟା ପାଣିରେ ପ୍ରାୟ ୩୦ ହେକ୍ଟର ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଧାର କରଜ କରି ଚାଷ କରିଥିବା କୃଷକମାନେ ବର୍ତ୍ତମାନ ସରକାରୀ ସହାୟତା ଦାବି କରିବା ସହ ଯଦି ସହାୟତା ନମିଳେ, ଦାଦନ ଖଟିବାକୁ ବାଧ ହେବେ ବୋଲି କହିଛନ୍ତି।

ଚଳିତ ବର୍ଷ ସମୟାନୁସାରେ ବର୍ଷା ହୋଇଥିବାରୁ ସୁକୁନାଭଟା ଗ୍ରାମର



ଚାଷୀମାନେ ଉତ୍ସାହର ସହିତ ଧାନ ବେଉଷଣ କାମ ସମ୍ପୂର୍ଣ୍ଣ କରିଥିଲେ। ଭଲ ଅମଳ ଆଶାରେ ଅନେକେ ଧାର କରଜ କରି ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କିଣି ଚାଷ କରିଥିଲେ।

କିନ୍ତୁ ଲଗାତାର ପାଞ୍ଚ ଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ବନ୍ୟା ପାଣି ଚାଷ ଜମିରେ ପ୍ରବେଶ କରିଥିଲା। ଫଳରେ ପ୍ରାୟ ୩୦ ହେକ୍ଟର ଜମିରେ ହୋଇଥିବା ଧାନ ଚାଷ ବାଲି ଚରି ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଯେଉଁ ଜମିରେ ସବୁଜ ଧାନ କ୍ଷେତ ଦେଖିବାକୁ ମିଳୁଥିଲା, ସେଠାରେ ଏବେ କେବଳ ବାଲି ଓ ପାଣି ଦେଖିବାକୁ ମିଳୁଛି।

ଚାଷୀମାନଙ୍କ କହିବା ଅନୁସାରେ, ଋଣ କରି ଚାଷ କରିଥିବାରୁ ବର୍ତ୍ତମାନ ସେମାନେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଫସଲ ନଷ୍ଟ ହୋଇଥିବାରୁ ଋଣ ପରିଶୋଧ କରିବା ମଧ କଷ୍ଟକର ହୋଇପଡ଼ିଛି। ଯଦି ସରକାର ପକ୍ଷରୁ ଶୀଘ୍ର କ୍ଷତିପୂରଣ ଓ ସହାୟତା ଯୋଗାଇ ନଦିଆଯାଏ, ତେବେ ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହେବେ ବୋଲି ଚାଷୀମାନେ କହିଛନ୍ତି।

ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଥିବା ବେଳେ, ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଚାଷୀଙ୍କୁ ଶୀଘ୍ର ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବର୍ତ୍ତମାନ ଚାଷୀଙ୍କ ଏକମାତ୍ର ଆଶା ସରକାରୀ ସହାୟତା। ସମୟୋପଯୋଗୀ ପଦକ୍ଷେପ ନିଆଯାଇଲେ ଚାଷୀମାନେ ପୁଣିଥରେ ଚାଷ କାର୍ଯ୍ୟରେ ଫେରିପାରିବେ, ନଚେତ ଜୀବିକା ପାଇଁ ଦାଦନ ଖଟିବାକୁ ବାଧ ହେବେ ବୋଲି କୁହାଯାଇଛି।

# ଯାଜପୁର ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ତ୍ୱରାନ୍ୱିତ: ସ୍ୱାସ୍ଥ୍ୟ, ପାନୀୟ ଜଳ ଓ କ୍ଷୟକ୍ଷତି ଆକଳନ ଉପରେ ଗୁରୁତ୍ୱ

ଯାଜପୁର,(ନିପ୍ର): ବନ୍ୟା ଜଳ ହ୍ରାସ ପାଇବା ପରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପୁନରୁଦ୍ଧାର ଓ ଜନସେବା କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ବ୍ଲକର ଏରବାଙ୍ଗ ଓ ଜାଲପଡ଼ା ଗ୍ରାମ ପଞ୍ଚାୟତ ସମେତ ବରୀ ବ୍ଲକର କିମିରିଆପାଳ, ଅତିରା ଓ ବାଇସିରିଆ ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ବନ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ବନ୍ୟାଜନିତ କ୍ଷୟକ୍ଷତି ଆକଳନ ସମ୍ପର୍କିତ ଏକ ପ୍ରସ୍ତୁତିମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଉପସ୍ଥିତ ରହି କ୍ଷୟକ୍ଷତି ଆକଳନ କାର୍ଯ୍ୟକୁ ସଠିକ୍, ସ୍ୱଚ୍ଛ ଏବଂ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ସହ ପ୍ରଭାବିତ ଅଞ୍ଚଳରୁ ଶୀଘ୍ର ରିପୋର୍ଟ ସଂଗ୍ରହ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ ବଡ଼ଚଣା ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ କଳାଶ୍ରୀ, ଗୋପାଳପୁର ଓ ଚାରିନଙ୍ଗଳ ଗ୍ରାମ ପରିଦର୍ଶନ କରିଥିଲେ। ସେଠାରେ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପରାମର୍ଶ ଦେଇଥିଲେ । ବନ୍ୟା ପରବର୍ତ୍ତୀ ଜଳବାହିତ ରୋଗ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଞ୍ଚାୟତରେ ଜୀବାଣୁନାଶକ କାର୍ଯ୍ୟ, ପାନୀୟ ଜଳ ଉତ୍ସର ବିଶୋଧନ ଏବଂ ଜଳର ଗୁଣବତ୍ତା ପରୀକ୍ଷା ଜାରି ରହିଛି। ଜନସାଧାରଣଙ୍କୁ ଫୁଟାଇ ଥଣ୍ଡା କରାଯାଇଥିବା ପାଣି ପିଇବା ଓ ପରିବେଶ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଚେତନ କରାଯାଉଛି। ସେହିପରି ବିଭିନ୍ନ ବ୍ଲକରେ ବେସରକାରୀ (ନିଜସ୍ୱ) ନଳକୂପଗୁଡ଼ିକର ବିଶୋଧନ କାର୍ଯ୍ୟ ମଧ ବ୍ୟାପକ ଭାବେ ଚାଲିଛି, ଯାହାଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବା ସହ ଜଳବାହିତ ରୋଗର ସଂକ୍ରମଣକୁ ରୋକାଯାଇପାରିବ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଦଶରଥପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର ପଞ୍ଚାୟତର ଦଣ୍ଡିସାହି ଗ୍ରାମରେ ଚାଲିଥିବା ବିଶୋଧନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଗ୍ରାମଗୁଡ଼ିକରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସି.ଏଚ୍.ଓ.ମାନେ ଘରକୁ ଘର ବୁଲି ଓଆରଏସ୍, ଆବଶ୍ୟକ ଔଷଧ, ହାଲୋଜେନ୍ ବଟିକା ବଣ୍ଟନ କରୁଛନ୍ତି।

# ଶ୍ରାବଣ ପ୍ରଥମ ସୋମବାର : ମନ୍ଦିରରେ ଭିଡ଼

ରାଉରକେଲା,(ନିପ୍ର): ଶ୍ରାବଣ ମାସର ପ୍ରଥମ ସୋମବାର। ରାଉରକେଲା ସହର ତଥା ସୁନ୍ଦରଗଡ଼ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ବାଲୁକେଶ୍ୱର ଶିବ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ରୁଦ୍ରାଭିଷେକ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ବ୍ରାହ୍ମଣୀ ନଦୀରେ ସ୍ନାନ କରିବା ପରେ ଭକ୍ତମାନେ ଭୋଲେନାଥଙ୍କୁ ଜଳ ଅର୍ପଣ କରିଥିଲେ। ଏଥିସହିତ ଚନ୍ଦ୍ରଶେଖର ଶିବ ମନ୍ଦିରରେ ମଧ ଜଳାଭିଷେକ କରାଯାଇଥିଲା। ରବିବାର ବିଳମ୍ବିତ ସନ୍ଧ୍ୟାରେ, କାଓ୍ୱଡିଆଙ୍କ ଏକ ଦଳ ବ୍ରାହ୍ମଣୀ ନଦୀରେ ସ୍ନାନ କରି ଘୋଘର ଧାମରେ ଜଳ ଅର୍ପଣ କରିବାକୁ ବେଦବ୍ୟାସରୁ ବାହାରିଥିଲେ। ହଜାର ହଜାର କାଓ୍ୱଡ଼ିଆ ବୋଲ ବମ୍ ସ୍ଲୋଗାନ ଦେଇ ଜଳ ଅର୍ପଣ କରିବା ପାଇଁ ଜଳ ଧରି ବାହାରି ଥିଲେ। ଅନ୍ୟାନ୍ୟ ମନ୍ଦିରରେ ଭିଡ଼ ହୋଇଥିଲା।

# ଲିଭ୍-ଇନ୍ ପାର୍ଟନରଙ୍କର ମଧ୍ୟ ସ୍ତ୍ରୀଙ୍କ ପରି ସମାନ ଅଧିକାର ଅଛି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୩।୮ : ଲିଭ୍-ଇନ୍ ସମ୍ପର୍କରେ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏହା ଲିଭ୍-ଇନ୍ ପାର୍ଟନରମାନଙ୍କୁ ସେମାନଙ୍କ ପତି କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ମାମଲାରେ ପତ୍ନୀଙ୍କ ପରି ସମାନ ଅଧିକାର ପ୍ରଦାନ କରିଛି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮-ଏ, ଯାହା ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା ସହିତ ଜଡିତ, ଏବେ ଲିଭ୍-ଇନ୍ ପାର୍ଟନରମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ନିଷ୍ଠୁରତାରୁ ସୁରକ୍ଷା ପାଇବାର ଅଧିକାର କେବଳ ବିବାହ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ । ପରିବର୍ତ୍ତନଶୀଳ ସାମାଜିକ ପରିସ୍ଥିତି ସହିତ ଆଇନ ବିକଶିତ ହେବା ଆବଶ୍ୟକ । ଲିଭ୍-ଇନ୍ ସମ୍ପର୍କରେ ସାଥୀ ପୁରୁଷ କି ମହିଳା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହା ବିଭିନ୍ନ ରୂପ ନେଇପାରେ । ବିବାହିତ ଦମ୍ପତିଙ୍କ ପରି ଧାରା ୪୯୮-ଏ ଅନୁଯାୟୀ ସେମାନଙ୍କୁ ସୁରକ୍ଷା ପାଇବାର ଅଧିକାର ଦିଆଯିବା ଉଚିତ୍ । ଏହି ଧାରା ଅନୁଯାୟୀ, ସ୍ୱାମୀ କିମ୍ବା ତାଙ୍କ ପରିବାରର ସଦସ୍ୟ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ତାଙ୍କ ସ୍ତ୍ରୀ କିମ୍ବା ପରିବାରର ଅନ୍ୟ ମହିଳା ସଦସ୍ୟଙ୍କ ପ୍ରତି ନିଷ୍ଠୁରତା ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡାଦେଶ ଏବଂ ଜରିମାନା ଦଣ୍ଡନୀୟ । ନିଷ୍ଠୁରତା ଅର୍ଥ ହେଉଛି ଜଣେ ମହିଳାଙ୍କୁ ଏପରି ବ୍ୟବହାର କରିବା ଯାହା ଦ୍ୱାରା ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଅନ୍ତି, ଗୁରୁତର ଶାରୀରିକ କିମ୍ବା ମାନସିକ କ୍ଷତି ପହଞ୍ଚାନ୍ତି, କିମ୍ବା ସମ୍ପତ୍ତି କିମ୍ବା ଯୌତୁକ ଭଳି ବେଆଇନ ଦାବି କରି ତାଙ୍କୁ ହଇରାଣ କରିଥାନ୍ତି । ଏପରି ପରିସ୍ଥିତିରେ ଜଣେ ମହିଳା କୋର୍ଟକୁ ଯାଇ ନ୍ୟାୟ ପାଇଁ ଆବେଦନ କରିପାରିବେ । ଲିଭ୍-ଇନ୍ ପାର୍ଟନରମାନେ ମଧ୍ୟ ଏବେ ଏପରି ଅଧିକାର ପାଇ ଉପକୃତ ହେବେ ବୋଲି ଶୀର୍ଷକୋର୍ଟ କହିଛନ୍ତି ।

## କାବେରୀ ଜଳ ବିବାଦ
## ସୁପ୍ରିମକୋର୍ଟ ଗଲା ତାମିଲନାଡୁ ସରକାର

ନୂଆଦିଲ୍ଲୀ,୩।୮ : କାବେରୀ ଜଳ ବିବାଦ ପ୍ରସଙ୍ଗରେ କର୍ଣ୍ଣାଟକ ସରକାରଙ୍କ ବିରୋଧରେ ତାମିଲନାଡୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷ (ସିଡବ୍ଲ୍ୟୁଏମ୍ଏ) ଓ କାବେରୀ ଜଳ ନିୟନ୍ତ୍ରଣ କମିଟି (ସଡବ୍ଲ୍ୟୁଆରସି)ଙ୍କ ନିର୍ଦ୍ଦେଶ ମାନିବାରେ କର୍ଣ୍ଣାଟକ ସରକାର ବିଫଳ ହୋଇଥିବା କୁହାଯାଇଛି । କର୍ତ୍ତୃପକ୍ଷଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କର୍ଣ୍ଣାଟକ ଆବଶ୍ୟକ ପରିମାଣର କାବେରୀ ଜଳ ଛାଡ଼ିବାରେ ବିଫଳ ହେବା ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋସେଫ ବିଜୟଙ୍କ ନିର୍ଦ୍ଦେଶରେ ସୋମବାର ଏହି ଆବେଦନ ଦାଖଲ କରାଯାଇଥିଲା ।ସିଡବ୍ଲ୍ୟୁଆରସି ଜୁଲାଇ ୨୮ରେ ୧୩୯ତମ ବୈଠକରେ କାବେରୀ ନଦୀ ଅବବାହିକାରେ ଜଳବିଜ୍ଞାନ ଓ ପାଣିପାଗ ପରିସ୍ଥିତି ସମୀକ୍ଷା କରିଥିଲେ ଓ କୃଷ୍ଣରାଜ ସାଗର (କେଆର୍ଏସ୍) ଓ କାବିନୀ ଜଳଭଣ୍ଡାରରୁ ୨୯ ଜୁଲାଇରୁ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ୧୫ ଦିନ ପାଇଁ ବିଲିଗୁଣ୍ଡଲୁରେ ପ୍ରତି ସେକେଣ୍ଡରେ ୩୫୦୦ କ୍ୟୁସେକ୍ ଜଳ ଛାଡ଼ିବା ନିଶ୍ଚିତ କରିବାକୁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପାଞ୍ଚ ମହଲାରୁ ଡେଇଁ ମାନସିକ ରୋଗ ବିଶେଷଜ୍ଞଙ୍କ ଆତ୍ମହତ୍ୟା



ଗାଜିଆବାଦ,୩।୮ : ଉତ୍ତର ପ୍ରଦେଶର ଗାଜିଆବାଦରେ ଜଣେ ୪୦ ବର୍ଷୀୟ ମାନସିକ ରୋଗ ବିଶେଷଜ୍ଞ ତାଙ୍କ ଆପାର୍ଟମେଣ୍ଟର ପଞ୍ଚମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଡାକ୍ତର ହେମିକା ଅଗ୍ରୱାଲ ନାମକ ଏହି ମହିଳା ରବିବାର ରାଜ ନଗର ଏକ୍ସଟେନସନ ଅଞ୍ଚଳର ଅଫିସର୍ସ ସିଟି-୨ ସୋସାଇଟିରେ ଥିବା ତାଙ୍କ ଫ୍ଲାଟରୁ ଡେଇଁ ପଡ଼ିଥିଲେ । ତାଙ୍କୁ ଏକ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ସଦସ୍ୟମାନେ କହିଛନ୍ତି ଯେ ତାଙ୍କ ବିବାହ ବିଚ୍ଛେଦ ତାଙ୍କୁ ଗଭୀର ଭାବେ ଆଘାତ ଦେଇଥିଲା । ତାଙ୍କ ବାପା, ଗାଜିଆବାଦର ଜଣେ ପ୍ରସିଦ୍ଧ ମନସ୍ତତ୍ତ୍ୱବିତ୍ ଡାକ୍ତର ଆର. ଚନ୍ଦ୍ରା କହିଛନ୍ତି ଯେ ତାଙ୍କ ଝିଅ ପ୍ରାୟ ୧୮ ମାସ ପୂର୍ବେ ବିବାହ ବିଚ୍ଛେଦ ପରେ ମାନସିକ ଅବସାଦ ଏବଂ ଗଭୀର ଚାପରେ ପୀଡିତ ଥିଲେ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ସମସ୍ତ ସମ୍ଭାବ୍ୟ ଦିଗକୁ ଯାଞ୍ଚ କରୁଛି । ବର୍ତ୍ତମାନ ପର୍ଯ୍ୟନ୍ତ, କର୍ତ୍ତୃପକ୍ଷ କୌଣସି ଆତ୍ମହତ୍ୟା ନୋଟ୍ ଉଦ୍ଧାର ହେବା ବିଷୟରେ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିନାହାନ୍ତି ।

## ମୁମ୍ବାଇରେ ଜେନ୍ ଜି ଓ ଜେନ୍ ଆଲଫାଙ୍କ ସହ କଥା ହେବେ ମୋହନ ଭାଗବତ

ମୁମ୍ବାଇ,୩।୮: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଆସନ୍ତା ଅଗଷ୍ଟ ୬ ତାରିଖରେ ମୁମ୍ବାଇ ଏନ୍ଏମ୍ଏସସି (ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର)ରେ ଜେନ୍ ଜି ଓ ଜେନ୍ ଆଲଫା ସହ ଏକ ଅଧିବେଶନରେ ସାମିଲ ହେବେ । ଆଇଆଇଏମ୍ୟୁଏନ୍ ( ଇଣ୍ଡିଆସ୍ ଇଣ୍ଟରନ୍ୟାସନାଲ୍ ମୁଭମେଣ୍ଟ ଟୁ ୟୁନାଇଟେଡ୍ ନେସନସ)ର ୧୫ଶ ବାର୍ଷିକୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଗବତ ଜେନ୍ ଜି ଓ ଜେନ୍ ଆଲଫା (ଯୁବ-ତରୁଣବର୍ଗ)ଙ୍କ ସହ କଥାବାର୍ତ୍ତା କରିବେ । ଆଇଆଇଏମ୍ୟୁଏନ୍‌ର ବାର୍ଷିକ ଚାମ୍ପିଅନ୍ସିପ୍ କନଫରେନ୍ସର ଉଦଘାଟନୀ ଉତ୍ସବରେ ଦେଶବ୍ୟାପୀ ୧୦୦ରୁ ଅଧିକ ସହରରୁ ୨ ହଜାରରୁ ଅଧିକ ହାଇସ୍କୁଲ ଛାତ୍ରଛାତ୍ରୀ ଯୋଗ ଦେବେ ବୋଲି ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ, ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କୁ ଜେନ୍ ଜି କୁହାଯାଉଛି ଏବଂ ୨୦୧୩ରୁ ୨୦୧୫ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କୁ ଜେନ୍ ଆଲଫା କୁହାଯାଉଛି ।

## ଗୁପ୍ତଚରୀ ଅଭିଯୋଗରେ ୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଲା ଇରାନ

ନୂଆଦିଲ୍ଲୀ,୩।୮: ସରକାରୀ ଆଇଆରଏନଏ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ନ୍ୟାୟପାଳିକା ସେମାନଙ୍କୁ ଓମିଦ୍ ବେହଜାଦ୍ ଏବଂ ପୋରିଆ ସଫଭାତ୍ ଭାବରେ ଚିହ୍ନଟ କରିଛି । ସେମାନେ ଗୁପ୍ତଚରୀ ଏବଂ ଦେଶଦ୍ରୋହ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ ।ନ୍ୟାୟପାଳିକା କହିଛି ଯେ ଏହି ଦୁଇଜଣ ୧୩ ଜୁନ୍ ୨୦୨୫ରେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଏବଂ ୨୮ ଫେବ୍ରୁଆରି ୨୦୨୬ରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଆକ୍ରମଣ ସମୟରେ ମୋସାଦ ଅଧିକାରୀମାନଙ୍କୁ ଇରାନୀ ସାମରିକ ଏବଂ ସୁରକ୍ଷା ସ୍ଥାନ ବିଷୟରେ ସମନ୍ୱୟ, ଫଟୋଗ୍ରାଫ୍ ଏବଂ ସୂଚନା ଯୋଗାଇଥିବା ଅଭିଯୋଗରେ ସେମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ ।


## ନାବାଳିକାଙ୍କୁ ଘରେ ପଶି ଦୁଷ୍କର୍ମ ପରେ ହତ୍ୟା

ଗୁଆହାଟୀ,୩।୮ : ଆସାମରେ ଅତ୍ୟନ୍ତ ବର୍ବର କାଣ୍ଡ ଘଟିଛି । ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଘରେ ପଶି ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ତାଙ୍କ ମର ଶରୀରକୁ ଏମିତି ବିକୃତ କରାଯାଇଥିଲା ଯେ ତାଙ୍କୁ ତାଙ୍କ ନିଜ ପରିବାର ସଦସ୍ୟ ମଧ୍ୟ ଚିହ୍ନି ପାରିନଥିଲେ । ଘଟଣା ଘଟିବା ସମୟରେ ପୀଡ଼ିତା ନାବାଳିକା ଘରେ ଏକା ଥିଲେ । ତାଙ୍କ ପରିବାର ସଦସ୍ୟ ଘର ନିକଟରେ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ । ଘରକୁ ଫେରି ସେମାନେ ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଚିହ୍ନି ପାରିନଥିଲେ । ପୋଲିସ ଅନୁଯାୟୀ, ପୀଡ଼ିତାଙ୍କ ମୁହଁ ଓ ମୁଣ୍ଡକୁ ଅତି ନିଷ୍ଠୁର ଭାବେ ଛେଚି ନଷ୍ଟ କରାଯାଇଥିଲା ଏବଂ ତାଙ୍କ ଯୌନାଙ୍ଗରେ ଏକ ରଡ୍ ଭର୍ତ୍ତି କରାଯାଇଥିଲା । ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି । ଗତ ଶନିବାର ରାତିରେ ଏହି ଘଟଣା ଘଟିଛି । ପୀଡ଼ିତା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବା ପାଇଁ ଯାଇଥିଲେ । କିନ୍ତୁ ସେଠାରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ବଚସା ହେବାପରେ ସେ ଘରକୁ ଫେରି ଆସିଥିଲେ । ପରେ ପରିବାର ସଦସ୍ୟ ଆସି ତାଙ୍କୁ ମୃତ ଅବସ୍ଥାରେ ପାଇଥିଲେ । ସ୍ଥାନୀୟ ଲୋକ ଉକ୍ତ ଘଟଣାରେ ଦୋଷୀ ବିରୋଧରେ କଠୋର ଦଣ୍ଡ ଦାବି କରିବା ସହ ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

## କୃଷ୍ଣସାଗରରେ ଡ୍ରୋନ୍ ଆକ୍ରମଣରେ ନିଖୋଜ ଭାରତୀୟ ନାବିକଙ୍କ ସନ୍ଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩।୮ : ଜୁଲାଇ ୨୫ ତାରିଖରେ କୃଷ୍ଣସାଗରରେ ଭାରତୀୟ ନାବିକ ଥିବା ମାଲବାହୀ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ପରେ ନିଖୋଜ ଥିବା ଭାରତୀୟ ନାବିକଙ୍କ ସନ୍ଧାନ ପାଇଁ କୂଟନୈତିକ ଚ୍ୟାନେଲ ବ୍ୟବହାର କରିବାକୁ ବିଦେଶ ମନ୍ତ୍ରଣାଳୟକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାଲବାହୀ ଜାହାଜ ଏମଭି ଏଜିଏନ୍ ରାଗନାରର କ୍ରୁ ସଦସ୍ୟ ଦୀପକ କୁମାର ଗୁପ୍ତାଙ୍କ ସମ୍ପର୍କରେ ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ ଓ ରୋମାନିଆର ବୁଖାରେଷ୍ଟରେ ଥିବା ଭାରତୀୟ ଦୂତାବାସ ସହିତ ଯୋଗାଯୋଗ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ଅନୁରୋଧ କରିଥିଲେ । ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଶୁକ୍ରବାରକୁ ତାଲିକାଭୁକ୍ତ କରିଛନ୍ତି । କୋର୍ଟ ନିଖୋଜ ନାବିକଙ୍କ ବଡ଼ ଭାଇ ସନ୍ଦୀପ କୁମାର ଗୁପ୍ତାଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରୁଥିଲେ, ଯେଉଁଥିରେ ୟୁକ୍ରେନ ଓ ରୋମାନିଆରେ ଭାରତୀୟ କୂଟନୈତିକ ମିଶନ ସହିତ ସମନ୍ୱୟ ସ୍ଥାପନ କରିବା ପାଇଁ ବିଦେଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲା ଯାହା ଦ୍ୱାରା ସନ୍ଧାନ ଓ ଉଦ୍ଧାର ପ୍ରୟାସକୁ ତୀବ୍ର କରାଯାଇପାରିବ । ଆବେଦନ ଅନୁଯାୟୀ, ପରିବାର ପକ୍ଷରୁ ଜୁଲାଇ ୨୬ରୁ ଜୁଲାଇ ୩୦ ତାରିଖ ମଧ୍ୟରେ ଉଭୟ ବିଦେଶ ମନ୍ତ୍ରଣାଳୟ ଓ ଦୁଇ ଦେଶର ଅବସ୍ଥାପିତ ଦୂତାବାସ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କୌଣସି ପ୍ରତିକ୍ରିୟା କିମ୍ବା ପ୍ରତିଶ୍ରୁତି ପାଇନଥିଲେ । ୟୁକ୍ରେନର ଓଡେଶା ବନ୍ଦର ନିକଟରେ ଭାରତୀୟ ନାବିକ ଥିବା ଜାହାଜ ଉପରେ ଆକ୍ରମଣ ପରେ ୨୨ ବର୍ଷୀୟ ଦୀପକ କୁମାର ଗୁପ୍ତା ନିଖୋଜ ଥିଲେ । ଗୁପ୍ତାଙ୍କ ପରିବାର ମୂଳତଃ ବିହାରର ସିୱାନ ଜିଲ୍ଲାର ବାସିନ୍ଦା । ଗତ କିଛି ବର୍ଷ ଧରି ସେମାନେ ଉତ୍ତର ପ୍ରଦେଶର ବରେଲି ଜିଲ୍ଲାର ଭାରତୌଲ ଗାଁରେ ରହି ଆସୁଛନ୍ତି ।

## ରାଜ୍ୟ ଏଫଆଇଆର ପ୍ରତ୍ୟାହାର କରିପାରିବ, କିନ୍ତୁ ଗୁରୁତର ଅପରାଧୀଙ୍କୁ ମିଳିବନି ଛାଡ଼: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୩।୮ :କକ୍ରୋଚ୍ ଜନତା ପାର୍ଟି(ସିଜେପି) ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି । ପୂର୍ବ ଆଦେଶକୁ ସଂଶୋଧନ କରି ଶୀର୍ଷକୋର୍ଟ କହିଛନ୍ତି ଯେ, ଗମ୍ଭୀର ଅପରାଧର ଅଭିଯୁକ୍ତମାନଙ୍କୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ । ରାଜ୍ୟଗୁଡ଼ିକର ମାମଲା ପ୍ରତ୍ୟାହାର କରିବାର ସ୍ୱାଧୀନତା ରହିବ, ଅର୍ଥାତ୍ ସେମାନେ ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ଶେଷ କରିପାରିବେ କିମ୍ବା ପ୍ରତ୍ୟାହାର କରିପାରିବେ । ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୯ ତାରିଖରେ ଅନୁଷ୍ଠିତ ହେବ । ଯେଉଁମାନଙ୍କ ବିରୋଧରେ ସାମାନ୍ୟ ଅଭିଯୋଗ ଅଛି କିମ୍ବା ରାଜନୈତିକ କାରଣରୁ ପ୍ରତିବାଦ କରୁଛନ୍ତି ସେମାନେ ଆଶ୍ୱସ୍ତି ପାଇବେ । କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହଟା କହିଛନ୍ତି ଯେ ସରକାର ପ୍ରତିବାଦକାରୀଙ୍କ ବିରୋଧରେ ଏଫଆଇଆର ଦାଖଲ କରିବା ସମ୍ପର୍କରେ ତାଙ୍କର ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମ୍ପୂର୍ଣ୍ଣ ଭାବରେ ଦୃଢ଼ ନିଶ୍ଚୟ ଅଛନ୍ତି । ସୁପ୍ରିମକୋର୍ଟ ତାଙ୍କ ୨୮ ଜୁଲାଇ ଆଦେଶକୁ ସ୍ପଷ୍ଟ କରି କହିଛନ୍ତି ଯେ ଦିଲ୍ଲୀ ଏବଂ ଅନ୍ୟ ଯେକୌଣସି ରାଜ୍ୟ ପ୍ରତିବାଦକାରୀଙ୍କ ବିରୋଧରେ ଦାୟର ହୋଇଥିବା ଏଫଆଇଆରକୁ ବନ୍ଦ କିମ୍ବା ପ୍ରତ୍ୟାହାର କରିପାରିବେ ।

## ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଘୋଷଣା
## ୟୁନିଫାଏଡ୍ ପେନସନ୍ ସ୍କିମରେ ହେବନି କୌଣସି ପରିବର୍ତ୍ତନ



ନୂଆଦିଲ୍ଲୀ,୩।୮: ଯଦି ଆପଣ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ୟୁନିଫାଏଡ୍ ପେନସନ୍ ସ୍କିମ୍ (ୟୁପିଏସ୍)କୁ ନେଇ କୌଣସି ପରିବର୍ତ୍ତନ କିମ୍ବା ବନ୍ଦ ନେଇ ଚିନ୍ତିତ ତେବେ ଏହି ଖବର ଆଶ୍ୱସ୍ତି ଆଣିଦେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ସ୍ପଷ୍ଟ ଭାବରେ କହିଛନ୍ତି, ସରକାରଙ୍କ ୟୁନିଫାଏଡ୍ ପେନଶନ୍ ସ୍କିମକୁ ବଦଳାଇ ଏହା ସ୍ଥାନରେ ନୂଆ ଯୋଜନା ଆଣିବାର କୌଣସି ପ୍ରସ୍ତାବ ରଖିନାହାନ୍ତି ଅର୍ଥାତ ବର୍ତ୍ତମାନ ୟୁପିଏସ୍ ପୂର୍ବ ଭଳି ଜାରି ରହିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲିଖିତ ଜବାବରେ କହିଛନ୍ତି ୧୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ୧,୧୮,୧୯୫ କର୍ମଚାରୀ ୟୁପିଏସ୍ ବିକଳ୍ପକୁ ଚୟନ କରିଛନ୍ତି । ଏଥିରେ ନୂଆ ନିଯୁକ୍ତ କର୍ମଚାରୀ, ବର୍ତ୍ତମାନର କର୍ମଚାରୀ ଓ ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀ ମଧ୍ୟ ରହିଛନ୍ତି । ସରକାର ଏହି ଯୋଜନା ୧ ଏପ୍ରିଲ ୨୦୨୫ ରୁ ଏନପିଏସ୍ ଅନୁସାରେ, ଏକ ବିକଳ୍ପ ଭାବରେ ଆରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ କର୍ମଚାରୀଙ୍କୁ ଅବସର ପରେ ନିଶ୍ଚିତ ମାସିକ ପେନସନ୍ ଦେବା ଓ ଦରଦାମ ବୃଦ୍ଧିର ପ୍ରଭାବରୁ ତାଙ୍କର ଆୟକୁ ସୁରକ୍ଷା ଦେବା । ସରକାରଙ୍କ କହିବା ଅନୁସାରେ,ୟୁପିଏସ୍ ସେହି କର୍ମଚାରୀଙ୍କ ପାଇଁ ରହିଛି, ଯେଉଁମାନେ ରିଟାୟରମେଣ୍ଟ ପରେ ନିଶ୍ଚିତ ପେନସନ୍ ଚାହାନ୍ତି । ଏହା ସହ ଏହି ଯୋଜନା ସରକାରୀ ଆର୍ଥିକ ବ୍ୟବସ୍ଥା ଉପରେ ବଡ଼ ବୋଝ ନପକାଇ ଯୋଗଦାନ ଆଧାରିତ ମଡେଲ ଉପରେ କାମ କରିଥାଏ ।

## କେରଳରେ ବର୍ଷା ଓ ବନ୍ୟାର ତାଣ୍ଡବ: ୧୫ ମୃତ

ତିରୁବନନ୍ତପୁରମ,୩।୮ : କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି । ସାତ ଜଣ ଏବେବି ନିଖୋଜ ଅଛନ୍ତି । କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି । ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟ୍ଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି । କୋଲ୍ଲମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି । ସାତ ଜଣ ଏବେବି ନିଖୋଜ ଅଛନ୍ତି । କୋଲ୍ଲମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟ୍ଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି ।

## ଇ୨୦ ପେଟ୍ରୋଲ ବିରୋଧରେ ନାଗପୁରରେ ଯୁବ କଂଗ୍ରେସର ବିକ୍ଷୋଭ



ନାଗପୁର,୩।୮ : ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବା ଇ୨୦ ଇନ୍ଧନ ନୀତିକୁ ବିରୋଧ କରି ଯୁବ କଂଗ୍ରେସ କର୍ମୀମାନେ ସୋମବାର ନାଗପୁରରେ ବିକ୍ଷୋଭ କରିଛନ୍ତି । ସେମାନେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଘର ଅଭିମୁଖେ ଶୋଭାଯାତ୍ରାରେ ଯିବାବେଳେ ପୁଲିସ ସେମାନଙ୍କୁ ଅଟକାଇଛି । ପ୍ରତିବାଦରେ ସାମିଲ ହୋଇଥିବା ଅନେକ କଂଗ୍ରେସ କର୍ମୀଙ୍କୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି । ସୋମବାର ଅପରାହ୍ଣରେ ନାଗପୁରର ମହଲ ଅଞ୍ଚଳସ୍ଥିତ ଚିଟ୍ନାଭିସ୍ ପାର୍କ ଛକରୁ ଯୁବ କଂଗ୍ରେସ କର୍ମୀଙ୍କ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏହା ସେହି ଅଞ୍ଚଳରେ ଥିବା ଗଡ଼କରୀଙ୍କ ବ୍ୟକ୍ତିଗତ ବାସଭବନ ଆଡ଼କୁ ଅଗ୍ରସର ହୋଇଥିଲା । ବିକ୍ଷୋଭକାରୀମାନେ ଇ୨୦ ପେଟ୍ରୋଲ ବିରୋଧରେ ସ୍ଲୋଗାନ ଦେବା ସହ ଏହି ଇନ୍ଧନ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଅଭିଯୋଗ କରିଥିଲେ । ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଗଡ଼କରୀଙ୍କ ବାସଭବନ ନିକଟରେ ବହୁସଂଖ୍ୟକ ପୁଲିସ ମୁତୟନ ହେବା ସହ ରାସ୍ତାରେ ବ୍ୟାରିକେଡ୍ ଲଗାଯାଇଥିଲା ।

## ନେପାଳକୁ ପୁଣି ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବି
## ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବହିଷ୍କାର ପାଇଁ ବିକ୍ଷୋଭ



କାଠମାଣ୍ଡୁ,୩।୮ : ନେପାଳକୁ ପୁଣି ଏକ ବୈଦିକ ସନାତନ ହିନ୍ଦୁ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିବା ଦାବି ତୀବ୍ର ହୋଇଛି । ଏହି ଦାବିରେ ବିଭିନ୍ନ ହିନ୍ଦୁ ସଂଗଠନ ସହ ସାଧାରଣ ଲୋକେ ରବିବାରଠାରୁ ବିଭିନ୍ନ ସ୍ଥାନରେ ରାସ୍ତାକୁ ଓହ୍ଲାଇଛନ୍ତି । ବାଲେନ୍ଦ୍ର ଶାହ ସରକାର ହିନ୍ଦୁ ସମୁଦାୟର ସୁରକ୍ଷା ଓ ସେମାନଙ୍କ ଦାବି ପ୍ରତି ଉଦାସୀନ ରହିଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି । ସିରାହା ଜିଲ୍ଲାରେ ଲୋକମାନେ ଶାସକ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସାଂସଦ ବବଲୁ ଗୁପ୍ତାଙ୍କୁ ଘେରାଉ କରି ଜବାବ ମାଗିଛନ୍ତି । ପରିବର୍ତ୍ତନ ଓ ନେପାଳକୁ ପୁଣି ହିନ୍ଦୁ ରାଷ୍ଟ୍ର କରିବା ଆଶାରେ ସେମାନେ ନିଜ ଜନପ୍ରତିନିଧିଙ୍କୁ ସମର୍ଥନ କରିଥିଲେ । କିନ୍ତୁ ସାଂସଦ ଏବେ ହିନ୍ଦୁ ସମୁଦାୟର ସୁରକ୍ଷା ଓ ଅଧିକାର ପକ୍ଷରେ ଖୋଲାଖୋଲି କହୁ ନ ଥିବାରୁ ସେମାନଙ୍କ ଆଶା ଭଙ୍ଗ ହୋଇଥିବା ବିକ୍ଷୋଭକାରୀମାନେ କହିଛନ୍ତି । ଜୁଲାଇ ୨୬ ରାତିରେ ଭାରତ ସୀମାନ୍ତ ସୁନସରୀ ଜିଲ୍ଲାର ଦେୱାନଗଞ୍ଜରେ ଏକ ହିନ୍ଦୁ ଧାର୍ମିକ ଶୋଭାଯାତ୍ରା ବେଳେ ଡିଜେ ବଜାଇବା ଓ ଧାର୍ମିକ ପତାକା ଲଗାଇବାକୁ ନେଇ ଦୁଇ ସମୁଦାୟ ମଧ୍ୟରେ ବିବାଦ ହୋଇଥିଲା । ଏହା ପରେ ବିଭିନ୍ନ ଅଞ୍ଚଳକୁ ହିଂସା ବ୍ୟାପିବାରୁ ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୫ରୁ ଅଧିକ ଆହତ ହୋଇଥିଲେ । ପୁଲିସ ଗୁଳିରେ ସୁନସରୀରେ ୨ ଜଣ ଏବଂ ସିରାହାରେ ହୋଇଥିବା ପରବର୍ତ୍ତୀ ବିକ୍ଷୋଭରେ ଆଉ ଜଣେ ପ୍ରାଣ ହରାଇଥିଲେ । ଏକାଧିକ ସହରରେ କର୍ଫ୍ୟୁ ଜାରି କରାଯିବା ପରେ ହିଂସା ଏବେ ହ୍ରାସ ପାଇଛି । ଘଟଣା ପରେ ହିନ୍ଦୁ ସଂଗଠନଗୁଡ଼ିକ ସରକାରଙ୍କୁ ୧୫ ଦଫା ଦାବିପତ୍ର ଦେଇଛନ୍ତି ।

## ଧରାପଡିଲା ଟ୍ରମ୍ପଙ୍କ ଆଉ ଏକ ମିଛ

ନୂଆଦିଲ୍ଲୀ,୩।୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ଅନେକ ଥର ମିଛ କହିଛନ୍ତି । ଆଜି ଆଉ ଏକ ମିଛର ପର୍ଦ୍ଦାଫାସ ହୋଇଛି ଯେତେବେଳେ ଇରାନ ତାଙ୍କ ଦାବିକୁ ଖଣ୍ଡନ କରି ସ୍ପଷ୍ଟ ଭାବରେ କହିଛି ଯେ ତେହେରାନ ଏବଂ ୱାଶିଂଟନ ଡିସି ମଧ୍ୟରେ କୌଣସି ପଛ ଦ୍ୱାର ଆଲୋଚନା ହେଉନାହିଁ । ଗତକାଲି ଟ୍ରମ୍ପ ଦାବି କରିଥିଲେ ଯେ ମଧ୍ୟସ୍ଥତା ମାଧ୍ୟମରେ ଆମେରିକା ଏବଂ ଇରାନ ମଧ୍ୟରେ ପରୋକ୍ଷ ଆଲୋଚନା ଆରମ୍ଭ ହେବାକୁ ଯାଉଛି । ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘେଇ ଆଜି ଟ୍ରମ୍ପଙ୍କ ଦାବିକୁ ସ୍ପଷ୍ଟ ଭାବରେ ପର୍ଦ୍ଦାଫାସ କରିଛନ୍ତି ।ସୋମବାର ଦିନ ସାପ୍ତାହିକ ପ୍ରେସ ବ୍ରିଫିଂରେ, ଇସମାଇଲ ବାଘେଇ କହିଛନ୍ତି, 'ଆମେ କୌଣସି ପ୍ରତିନିଧିମଣ୍ଡଳକୁ ସ୍ୱାଗତ କରିବାକୁ କିମ୍ବା ଆଲୋଚନା ପାଇଁ କାହାକୁ ପଠାଇବାକୁ ପ୍ରସ୍ତୁତ ହେଉନାହୁଁ ।

## ଲୋକସଭାରେ ସୁପ୍ରିମକୋର୍ଟ ବିଚାପତିଙ୍କ ସଂଖ୍ୟା ବୃଦ୍ଧି ବିଲ୍ ଗୃହୀତ

ନୂଆଦିଲ୍ଲୀ,୩।୮: ସଂସଦରେ ମୌସୁମୀ ଅଧିବେଶନର ଆଜି ଏକାଦଶ ଦିବସରେ ମଧ୍ୟ ବିରୋଧୀମାନେ ପ୍ରବଳ ହଙ୍ଗାମା ଓ ହୋହଲ୍ଲା କରିଛନ୍ତି । ଦିଲ୍ଲୀ ହିଂସା ଘଟଣାରେ ଅମିତ ଶାହଙ୍କ ଜବାବ ମାଗି ଆଜି ବିରୋଧୀ ସାଂସଦମାନେ ଉଭୟ ଗୃହରେ ହୋହଲ୍ଲା କରିଛନ୍ତି । ଏହା ସତ୍ତ୍ୱେ ଆଜି ଲୋକସଭା ଓ ରାଜ୍ୟସଭାରେ ୨ଟି ବିଲ୍ ଗୃହୀତ ହୋଇଛି । ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ସଂକ୍ରାନ୍ତ ଅଧ୍ୟାଦେଶକୁ ଆଇନରେ ପରିଣତ କରିବା ପାଇଁ ଲୋକସଭାରେ ଆଗତ ସୁପ୍ରିମକୋର୍ଟ (ନମ୍ବର ଅଫ୍ ଜଜେସ୍) ସଂଶୋଧନ ବିଲ୍ ଗୃହୀତ ହୋଇଯାଇଛି । ଗୃହରେ ଆଜି ବିନା ଆଲୋଚନରେ ଏହି ବିଲ୍ ଗୃହୀତ ହୋଇଛି ।



## ପ୍ରତି ୧୦୦ ଜଣ ଭାରତୀୟଙ୍କ ମଧ୍ୟରୁ ୩୧ ଜଣ ମଧ୍ୟବିତ୍ତ ବର୍ଗର

ନୂଆଦିଲ୍ଲୀ,୩/୮: ଭାରତକୁ ପ୍ରାୟତଃ ବିଶ୍ୱର ସବୁଠାରୁ ଯୁବ ଜନସଂଖ୍ୟା ଥିବା ଦେଶ ଭାବରେ ବର୍ଣ୍ଣନା କରାଯାଏ, କିନ୍ତୁ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ, ଏହାର ବଡ଼ ପରିଚୟ ବିସ୍ତାରିତ ମଧ୍ୟବିତ୍ତ ଶ୍ରେଣୀ ହୋଇପାରନ୍ତି । ଏମାନେ ହେଉଛନ୍ତି ସେହି ବର୍ଗ, ଯିଏକି ଘର ଏବଂ କାର କିଣନ୍ତି, ପିଲାମାନଙ୍କୁ ଭଲ ସ୍କୁଲକୁ ପଠାନ୍ତି, ବୀମା କରନ୍ତି ଏବଂ ସର୍ବାଧିକ ବଜାର ଖର୍ଚ୍ଚକୁ ପରିଚାଳିତ କରନ୍ତି । ଫଳସ୍ୱରୂପ, ଅର୍ଥନୀତିଜ୍ଞମାନେ ଏହାକୁ ଦେଶର ଗ୍ରାହକ ଚାହିଦାର ପ୍ରକୃତ ଶକ୍ତି କେନ୍ଦ୍ର ବୋଲି ବିବେଚନା କରିଛନ୍ତି । ପିପୁଲ୍ସ ରିସର୍ଚ୍ଚ ଅନ୍ ଇଣ୍ଡିଆଜ୍ କଞ୍ଜ୍ୟୁମର ଇକୋନୋମି ଦ୍ୱାରା ପ୍ରକାଶିତ ଦି ରାଇଜ୍ ଅଫ୍ ଇଣ୍ଡିଆଜ୍ ମିଡିଲ୍ କ୍ଲାସ ରିପୋର୍ଟ ଅନୁଯାୟୀ, ଯଦି ଭାରତ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ହାରାହାରି ଅର୍ଥନୈତିକ ଅଭିବୃଦ୍ଧି ହାର ୬-୭% ବଜାୟ ରଖେ, ତେବେ ୨୦୪୬-୪୭ ସୁଦ୍ଧା ଦେଶର ଜନସଂଖ୍ୟାର ୬୧% ମଧ୍ୟବିତ୍ତ ଶ୍ରେଣୀରେ ସାମିଲ ହୋଇପାରିବେ । ଅନ୍ୟ ଶବ୍ଦରେ, ଯଦିଓ ଆଜି ପ୍ରତି ୧୦୦ ଜଣ ଭାରତୀୟଙ୍କ ମଧ୍ୟରୁ ୩୧ ଜଣ ମଧ୍ୟବିତ୍ତ ଶ୍ରେଣୀର ଅଛନ୍ତି, ତଥାପି ଏହି ସଂଖ୍ୟା ୨୦୪୭ ସୁଦ୍ଧା ୬୧ ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହି ରିପୋର୍ଟରେ, ୫ ଲକ୍ଷ ରୁ ୩୦ ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ଆୟ ଥିବା ପରିବାରଗୁଡ଼ିକୁ ମଧ୍ୟବିତ୍ତ ଶ୍ରେଣୀ ଭାବରେ ବର୍ଗୀକୃତ କରାଯାଇଛି । ଆଶ୍ଚର୍ଯ୍ୟଜନକ ଭାବରେ, ଏହି ରିପୋର୍ଟରେ ଭାରତର ଅର୍ଥନୀତିକୁ 'ଓଲଟା ପିରାମିଡ୍' ରୁ 'ହୀରା ଆକୃତି'ରେ ପରିଣତ କରିବାର କଳ୍ପନା କରାଯାଇଛି ।ଯେତେବେଳେ କୌଣସି ଦେଶରେ ମଧ୍ୟବିତ୍ତ ବର୍ଗ ବୃଦ୍ଧି ପାଆନ୍ତି, କେବଳ ଲୋକଙ୍କ ଆୟ ବୃଦ୍ଧି ପାଏ ନାହିଁ ବରଂ ସମଗ୍ର ଅର୍ଥନୀତିର ଗଠନ ପରିବର୍ତ୍ତନ ହେବା ଆରମ୍ଭ କରେ । ଗୃହର ଚାହିଦା ବୃଦ୍ଧି ପାଏ, ଅଟୋମୋବାଇଲ୍ କ୍ଷେତ୍ର ବିସ୍ତାର ହୁଏ, ଘରୋଇ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଉପରେ ଖର୍ଚ୍ଚ ବୃଦ୍ଧି ପାଏ, ଏବଂ ଡିଜିଟାଲ୍ ସେବା ଓ ଇ-କମର୍ସର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଏ ।



## ବିଦ୍ୟାଳୟ ଛାତରୁ କଂକ୍ରିଟ ଖସି ୨ ଛାତ୍ରୀ ଆହତ

ପିପିଲି(ନିପ୍ର): ପିପିଲିର ଏକ ବିଦ୍ୟାଳୟ ପାଠପଢା ସମୟରେ ଘଟିଛି ଅଘଟଣ । ସ୍କୁଲ ଛାତରୁ କଂକ୍ରିଟ୍ ଖସି ଦୁଇ ଛାତ୍ରୀ ଆହତ ହୋଇଥିବା ଜଣାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଚିକିତ୍ସା ପାଇଁ ଛାତ୍ରୀ ଦ୍ୱୟଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇନଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତାଗିଦ ପରେ ଛାତ୍ରୀଙ୍କୁ ପିପିଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜଣେ ଛାତ୍ରୀଙ୍କୁ ଭୁବନେଶ୍ୱର ପଠାଯାଇଛି । ଖବର ପାଇ ପୁରୀଜିଲ୍ଲା ଶିକ୍ଷାଧିକାରୀ, ପିପିଲି ବ୍ଲକ ଶିକ୍ଷାଧିକାରୀ ଏବଂ ପିପିଲି ବିଡ଼ିଓ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝି



ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବା ନେଇ ଅନେକ ପ୍ରଶ୍ନ ଉଙ୍କି ମାରିବା ସହିତ ଜନୈକ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ସୂଚନା ଅନୁଯାୟୀ ପିପିଲି ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଓରକଳ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀମାନେ ପାଠ ପଢୁଥିଲେ । ମାଧ୍ୟାହ୍ନ ସମୟରେ ପାଠପଢା ଚାଲିଥିବା ବେଳେ ଛାତର କଂକ୍ରିଟ ଖସି ପଡିଥିଲା । ଯାହାକି ଦୁଇ ଛାତ୍ରୀଙ୍କ ମୁଣ୍ଡରେ ପଡିଥିଲା । ଉକ୍ତ ବିଦ୍ୟାଳୟର ଛାତ ପୁରୁଣା ହୋଇ ଭୁଶୁଡି ପଡିବା ଅବସ୍ଥାରେ ଥିବା ବେଳେ ନିଯୁକ୍ତି ଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ସମ୍ପର୍କରେ ଆଜିପର୍ଯ୍ୟନ୍ତ ଉଚ୍ଚସ୍ଥ ଅଧିକାରୀଙ୍କୁ ଜଣାଇ ନଥିଲେ । ଯାହାକି ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ଅନେକ ଛାତ୍ରଛାତ୍ରୀ । ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମତାମତ ଲୋଡିଥିବା ବେଳେ ସେ ନିଜେ ଦାୟୀ ରହିବେ ଜାଣି ଉତ୍ତର ନଦେଇ ପିପିଲି ସ୍ୱାସ୍ଥ୍ୟ କେନ୍ଦ୍ର ଛାଡି ବାହାରକୁ ପଳାଇ ଯାଇଥିଲେ । ତେଣୁ ଏଭଳି ସମ୍ବେଦନଶୀଳ ଘଟଣାରେ କିପରି ପ୍ରଧାନ ଶିକ୍ଷୟିତ୍ରୀ ମୁହଁ ଖୋଲିଲେନି ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି ।

## ରାସ୍ତାରେ ମାଡ଼ ମାରି ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ରାସ୍ତାରେ ମାଡ ମାରି ଲୁଟ୍ କରିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କାହ୍ନା ଡାକୁଆ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ୨୩.୦୭.୨୦୨୬ ତାରିଖ ରାତି ପ୍ରାୟ ୧୦.୩୦ରୁ ୧୧.୩୦ ମଧ୍ୟରେ, ଅଭିଯୋଗକାରୀ ଶିବରାମ ମିଶ୍ର ନିଜ କାମ ସାରି ପାଦରେ ଚାଲି ଘରକୁ ଫେରୁଥିଲେ । ମୈତ୍ରୀ ବିହାର ଥାନା ଅଧୀନ ଶ୍ରୀକୃଷ୍ଣ ନଗର, ସାଲିଆସାହି ନିକଟରେ ପହଞ୍ଚିବା ବେଳେ ଅଭିଯୁକ୍ତ ହିନା ଡାକୁଆ, କାହ୍ନା ଡାକୁଆ ଏବଂ ଅନ୍ୟ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଅଟକାଇଥିଲେ । ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇ ପାଖରେ ଥିବା ସବୁ ଟଙ୍କା ଦେବାକୁ କହିଥିଲେ । ଟଙ୍କା ନଦେଲେ ତାଙ୍କୁ ହତ୍ୟା କରିଦେବେ ବୋଲି ଭୟ ଦେଇଥିଲେ । ଅଭିଯୋଗକାରୀ ବାରମ୍ବାର ଅନୁରୋଧ କରିଥିଲେ ଯେ, ତାଙ୍କ ପାଖରେ ବ୍ୟକ୍ତିଗତ ସାମଗ୍ରୀ ବ୍ୟତୀତ ଅନ୍ୟ କୌଣସି ଟଙ୍କା ନାହିଁ । କିନ୍ତୁ ଅଭିଯୁକ୍ତମାନେ ତାଙ୍କ କଥା ଶୁଣିନଥିଲେ । ଏହା ପରେ ସେମାନେ ଜବରଦସ୍ତି ତାଙ୍କ ହାଲୁକା ନାଲି ରଙ୍ଗର ଭାନିଟି ବ୍ୟାଗ୍ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ । ସେହି ବ୍ୟାଗ୍‌ରେ ୨୦,୦୦୦ ଟଙ୍କା ନଗଦ, ଆଧାର କାର୍ଡ, ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିଲା । ଅଭିଯୁକ୍ତ କାହ୍ନା ଡାକୁଆ ତାଙ୍କ ହାତରୁ ବ୍ୟାଗ୍‌ଟିକୁ ଜବରଦସ୍ତି ଟାଣି ନେଉଥିବା ବେଳେ, ଅଭିଯୁକ୍ତ ହିନା ଡାକୁଆ ତାଙ୍କୁ ପଛପଟୁ ଜୋରରେ ଧରି ରଖିଥିଲେ । ଏଥିପାଇଁ ସେ ପ୍ରତିରୋଧ କରିବା କିମ୍ବା ସେଠାରୁ ଖସି ପଳାଇବାରେ ଅସମର୍ଥ ହୋଇପଡ଼ିଥିଲେ । ଅଭିଯୋଗକାରୀ ବ୍ୟାଗ୍ ଦେବାକୁ ମନା କରିବାରୁ ଉଭୟ ଅଭିଯୁକ୍ତ ତାଙ୍କୁ ମାରପିଟ କରି ଲୁଟ୍ କରିବା ଉଦ୍ଦେଶ୍ୟରେ ଜୋରଜବରଦସ୍ତି କରିଥିଲେ । ଉଭୟ ଅଭିଯୁକ୍ତ କାଠ ଫାଳିଆ ସାହାଯ୍ୟରେ ଅଭିଯୋଗକାରୀଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ । ଏହା ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ଅଭିଯୁକ୍ତମାନେ ତାଙ୍କ କେଶ ଧରି ରାସ୍ତାରେ ଘୋଷାଡ଼ି ନେଇଥିଲେ । ଏଥିରେ ତାଙ୍କ ପିଠି, କାନ୍ଧ ଓ ଶରୀରର ପଛପଟେ କ୍ଷତ ସୃଷ୍ଟି ହୋଇଥିଲା । ସେମାନେ କାଠ ଫାଳିଆରେ ତାଙ୍କ ଉଭୟ ଗୋଡ଼କୁ ମଧ୍ୟ ବାରମ୍ବାର ମାଡ଼ ମାରିଥିଲେ । ଏହା ଫଳରେ ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ଠିଆ ହେବା, ପ୍ରତିରୋଧ କରିବା କିମ୍ବା ପଳାଇବାକୁ ଅସମର୍ଥ ହୋଇପଡ଼ିଥିଲେ । ଅଭିଯୋଗକାରୀ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିବା ପରେ ଅଭିଯୁକ୍ତମାନେ ତାଙ୍କ ହାଲୁକା ନାଲି ରଙ୍ଗର ଭାନିଟି ବ୍ୟାଗ୍ ଜବରଦସ୍ତି ଛଡ଼ାଇ ନେଇଥିଲେ । ସେହି ବ୍ୟାଗ୍‌ରେ ୨୦,୦୦୦ ଟଙ୍କା ନଗଦ, ଆଧାର କାର୍ଡ, ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ଜରୁରୀ ବ୍ୟକ୍ତିଗତ କାଗଜପତ୍ର ଥିଲା । ଅଭିଯୋଗକାରୀଙ୍କ ପାଟି ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ । ଲୋକମାନଙ୍କୁ ଦେଖି ଅଭିଯୁକ୍ତମାନେ ଲୁଟ୍ ହୋଇଥିବା ବ୍ୟାଗ୍ ସହ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ । ସୂଚନା ପାଇ ପିସିଆର୍ ତୁରନ୍ତ ସେଠାରେ ପହଞ୍ଚି ଆହତ ଅଭିଯୋଗକାରୀଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇ ଥିଲେ । ପରେ ତାଙ୍କ ଆଘାତ ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ କାହ୍ନା ଡାକୁଆଙ୍କୁ ସାଲିଆ ସାହି ଅଞ୍ଚଳରୁ କାବୁ କରିବା ସହ ତାଙ୍କ ହେପାଜତରୁ ୧୫୦୦ ଟଙ୍କା ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ କାହ୍ନା ନିଜର ଦୋଷ ସ୍ୱୀକାର କରିଥିଲେ ।

### ପିପିଲିରେ ଯୁବତୀ ଲୁଟେରା ଆତଙ୍କ

## ଗ୍ରୋସରୀ ସାମଗ୍ରୀ ଆଣିବାକୁ ଯାଉଥିବା ବେଳେ ସୁନା ହାର ଓ ଟଙ୍କା ଲୁଟ୍ ଅଭିଯୋଗ

ପିପିଲି(ନିପ୍ର): ପିପିଲି ଥାନା ଅଞ୍ଚଳର କୁଳଶିଖର ପାଟଣା ଗ୍ରାମର ଜଣେ ମହିଳା ଓ ତାଙ୍କ ଖୁଡି ଶାଶୁ ବଜାରକୁ ଗ୍ରୋସରୀ ସାମଗ୍ରୀ କିଣିବାକୁ ଆସୁଥିବା ବେଳେ ସେହି ସମୟରେ ଜଣେ ଯୁବତୀ ସେମାନଙ୍କ ଠାରୁ ସୁନା ହାର ଓ ଟଙ୍କା ଲୁଟି ନେଇ ଅନ୍ୟଜଣେ ଅଜଣା ଯୁବକ ସହିତ ବାଇକରେ ବସି ପଳାଇ ଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପିପିଲି ପୋଲିସ ଅଭିଯୋଗ ଆଧାରରେ ପିପିଲି ଥାନା କେସ ନଂ -୨୮୨/୨୬ରେ ମାମଲା ଆଗତ କରି ତଦନ୍ତ ଚଳାଇଛି । ସେପଟେ ଏଭଳି ଏକ ସମ୍ବେଦନଶୀଳ ମାମଲା ଉପରେ ପିପିଲି ପୋଲିସ ଅଭିଯୁକ୍ତ ଯୁବତୀ ଲୁଟେରା ଓ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଯାହାକୁ ନେଇ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ସେପଟେ ଲୁଟର ଶିକାର ହୋଇଥିବା ମହିଳା ଲୁଟେରା ଯୁବତୀ ଓ ତାର ସହଯୋଗୀ ଯୁବକଙ୍କ ନାମ ଅଭିଯୋଗରେ ଉଲେଖ କରିଥିବା ବେଳେ ପୋଲିସ କାହା ଇଙ୍ଗିତରେ ଗିରଫ ନକରି ତଦନ୍ତ ପ୍ରକ୍ରିୟାରେ ବସି ରହିଛି ତାହାକୁ ନେଇ ତଦନ୍ତକାରୀ ଅଫିସର ଉପରେ ବିଭିନ୍ନ ପ୍ରଶ୍ନ ଉଙ୍କି ମରିଲାଣି । ସୂଚନା ଅନୁଯାୟୀ କୁଳଶିଖର ପାଟଣା ଗ୍ରାମର ଜଣେ ମହିଳା ଓ ତାଙ୍କ ଖୁଡି ଶାଶୁ ଗ୍ରୋସରୀ ସାମଗ୍ରୀ କିଣିବା ପାଇଁ ନିକଟସ୍ଥ ବଜାରକୁ ଆସୁଥିଲେ । ପୂର୍ବରୁ ପ୍ରସ୍ତୁତ ଥିବା ଯୁବତୀ ଜଣକ ସେମାନଙ୍କୁ ଛୁରୀ ଦେଖାଇ ସୁନା ହାର ଓ ଟଙ୍କା ଲୁଟ କରିବା ସହିତ ସେମାନଙ୍କୁ ଛୁରୀରେ ଭୁସି ଦେବାକୁ ଉଦ୍ୟମ କରି କୌଶଳ କ୍ରମେ ଜଣେ ଯୁବକ ସହିତ ମଟର ସାଇକେଲରେ ବସି ଘଟଣା ସ୍ଥଳରୁ ପଳାଇ ଯାଇଥିଲେ । ଖାଲି ସେତିକି ନୁହେଁ ଲୁଟେରା ଯୁବତୀ ଜଣକ ରାସ୍ତାରେ ମହିଳାମାନଙ୍କୁ ଦେଖି ସେମାନଙ୍କ ଠାରୁ ଲୁଟପାଟ କରୁଥିବା ଅଭିଯୋଗକାରିଣୀ ଅଭିଯୋଗରେ ଦର୍ଶାଇଛନ୍ତି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସୁରିଆ ଓରଫ ସୁରେଶ ସାମଲ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅମର ସାମଲ ପରିବାର ସହ ପୋଖରିପୁଟ ଦେବୀ ସାହିରେ ରୁହନ୍ତି । ଗତକାଲି ରାତି ପ୍ରାୟ ୮.୩୦ ସମୟରେ ସେ ନିଜର ଜଣେ ବନ୍ଧୁଙ୍କ ସହ କିଛି ସମସ୍ୟା ନେଇ ଆଲୋଚନା କରୁଥିଲେ । ସେହି ସମୟରେ ଅଭିଯୁକ୍ତ ସୁରିଆ ସେହି ରାସ୍ତା ଦେଇ ଯାଉଥିଲେ, ଏବଂ ସେ ଅଭିଯୋଗକାରୀଙ୍କୁ ମାଡ ଖାଇବା ଲାଗି କହିଥିଲେ । ଅଭିଯୋଗକାରୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ପାଖରେ ରଖିଥିବା ଏକ ଛୁରୀ ବାହାର କରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ଶରୀରରେ ଆଘାତ ଲାଗିଥିଲା ଏବଂ ସେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ । ଏହି ଘଟଣା ପୂର୍ବରୁ ମଧ୍ୟ ଏକ ଜମିଜମା ମାମଲାକୁ କେନ୍ଦ୍ରକରି ଅଭିଯୁକ୍ତ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ । ଏହା ବ୍ୟତୀତ, ଅଭିଯୁକ୍ତଙ୍କ ପତ୍ନୀ ମଧ୍ୟ ପୂର୍ବରୁ ତାଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଏକ (ଧାରୁଆ ଅସ୍ତ୍ର) ଧରି ତାଙ୍କର ପିଛା କରିଥିଲେ, କିନ୍ତୁ ସେ ଭୟରେ ସେଠାରୁ ପଳାଇ ନିଜ ଜୀବନ ବଞ୍ଚାଇଥିଲେ । ପୁଲିସ ମାମଲାର ତଦନ୍ତ କାଳରେ ଅଭିଯୁକ୍ତ ସୁରିଆ ଓରଫ ସୁରେଶ ସାମଲଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ ।

## ପ୍ରଧାନ ଶିକ୍ଷକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ

ଜଟଣୀ(ନିପ୍ର): ସ୍ଥାନୀୟ କୁଦିଆରୀ ଗ୍ରାମ ନିକଟରେ ବସବାସ କରୁଥିବା ବଅଙ୍ଗ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳନିଧି ସାହୁଙ୍କ ଘରୁ ରବିବାର ରାତି ଅଧରେ ଚୋରମାନେ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସମ୍ପତ୍ତି । ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତ୍ରି ପ୍ରାୟ ୧୨ ଘଟିକା ଠାରୁ ୧ ଘଟିକା ୫୦ ମିନିଟ ମଧ୍ୟରେ ଘରେ ତାଲା ପଡ଼ିଥିବାର ସୁଯୋଗ ନେଇ ତିନିଜଣ ଚୋର ଘରର ସମସ୍ତ ତାଲା ଭାଙ୍ଗି ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଘରର ଆଲମୀରା ଭାଙ୍ଗି ଏକ ନେକ୍‌ଲେସ, ଏକ ସୁନା ଚେନ, ଏକ ମୁଦି ସହ ୧୫୦୦ ଟଙ୍କା, ଗୋଟିଏ ଟିଭି ଏବଂ ସିସିଟିଭି ଡିଭିଆର ସମସ୍ତ ସରଞ୍ଜାମ ଲୁଟି ନେଇଥିବା ପ୍ରକାଶ । ଏହା ଜାଣିବା ପରେ ଶ୍ରୀ ସାହୁ ପୁଲିସକୁ ଖବର ଦେବା ପରେ ଜଟଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ସିସିଟିଭି ଯାଞ୍ଚ ପଦ୍ଧତିରେ ଅନୁଧ୍ୟାନ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ବେଆଇନ ଗୋମାଂସ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଜଟଣୀ(ନିପ୍ର): ବେଆଇନ ଗୋମାଂସ ବିକ୍ରି ଅଭିଯୋଗରେ ଜଟଣୀ ଥାନା ପୁଲିସ ଅଭିଯୁକ୍ତ ମହମ୍ମଦ କରାମତ (୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ ଗତକାଲି ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ବେଳେ ବେଣାପଞ୍ଜରୀ ଗ୍ରାମର ମହମ୍ମଦ କରାମତ ନାମକ ଜଣେ ଯୁବକ ନିଜ ଘରେ ବେଆଇନ ଭାବେ ଗୋମାଂସ ବିକ୍ରି କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ସୂଚନା କ୍ରମେ ଏହି ଟିମ ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢଉ କରି ଛାନଭିନ କରିଥିଲେ । ଛାନଭିନ ସମୟରେ ତାଙ୍କ ଘରୁ ୨୦ କିଲୋଗ୍ରାମ ଓଜନର ଗୋମାଂସ ଜବତ କରାଯାଇଥିଲା । ପଚରାଉଚରା ବେଳେ, ଅଭିଯୁକ୍ତ ମହମ୍ମଦ କରାମତ ନିଜର ଦୋଷ ସ୍ୱୀକାର କରିଥିଲେ । ଏ ନେଇ ଜଟଣୀ ଥାନାରେ ୪୨୩/୨୬ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରିରହିଛି ।

## ଅଶୋକ ଲେଲ୍ୟାଣ୍ଡର ଷ୍ଟକୟାର୍ଡରୁ ଚୋରି, ୫ ଗିରଫ

ଭୁବନେଶ୍ୱର(ନି.ପ୍ର): ଅଶୋକ ଲେଲ୍ୟାଣ୍ଡର ଷ୍ଟକୟାର୍ଡରୁ ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ୫ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଡି. ରାଜେଶ ରାଓ, ଜି. ପାର୍ବତୀ, ଜି.ନୀଳ, ଏସ. ଲକ୍ଷ୍ମୀ ରେଡ଼ି ଓ ଏମ ସାବିତୀ ରେଡ୍ଡି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସଂଗ୍ରାମ କେଶରୀ ପାହାଡସିଂହ ପରିବାର ସହ ଦାରୁଠେଙ୍ଗ ଗ୍ରାମରେ ରହୁଥିବା ବେଳେ, ସେହି ଗାଁରେ ତାଙ୍କର ଏକ ଅଶୋକ ଲେଲ୍ୟାଣ୍ଡର ଷ୍ଟକୟାର୍ଡ ରହିଛି । ଆଜି ପ୍ରାତଃ ସମୟରେ ଅଭିଯୁକ୍ତମାନେ ତାଙ୍କ ଅନୁମତି ବିନା ଷ୍ଟକ ୟାର୍ଡରେ ପଶି କିଛି ଯାନ୍ତ୍ରିକ ଉପକରଣ ଚୋରୀ କରିବା ସହ ସେଗୁଡିକୁ ଏକ ଅଟୋ ଯୋଗେ ନେଇ ପଳାଇବା ଲାଗି ପ୍ରୟାସ କରୁଥିବା ବେଳେ, ଅଭିଯୋଗକାରୀ ସେମାନଙ୍କୁ ଦେଖିନେଇଥିଲେ । ପରେ ସେ ପାଟିକରି ଡାକ ପକାଇବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୁକ୍ତମାନଙ୍କୁ କାବୁ କରି ପିସିଆର ଜିମା ଦେଇଥିବା ବେଳେ, ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି ଚୋରା ଯନ୍ତ୍ରାଂଶ ସହିତ ସମ୍ପୃକ୍ତ ଅଟୋକୁ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଥିଲେ ।

## କଟୁରିରେ ହାଣି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନି.ପ୍ର): ନିଜ ପତ୍ନୀକୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ଏହାର ପ୍ରତିବାଦ କରିବାରୁ ଜଣେ ଯୁବକଙ୍କୁ ଜୀବନରେ ମାରିଦେବାକୁ ପ୍ରୟାସ କରାଯାଇଥିଲା । ଏହି ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ରତିକାନ୍ତ ପୃଷ୍ଟି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସଚିକାନ୍ତ ପୃଷ୍ଟି ପରିବାର ସହ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡା ଗ୍ରାମରେ ରୁହନ୍ତି । ଗତ ୦୨.୦୮.୨୦୨୬ ରିଖ ସନ୍ଧ୍ୟା ପ୍ରାୟ ୬ଟା ସମୟରେ, ଅଭିଯୁକ୍ତ ରତିକାନ୍ତ ପୃଷ୍ଟି ଏକ କଟୁରୀ ଧରି ନିଜ ପତ୍ନୀଙ୍କୁ ଆକ୍ରମଣ କରିବା ଲାଗି ଟଙ୍କାର ପିଛା କରିଥିଲେ । ତାଙ୍କ ପତ୍ନୀ ସେଠାରୁ ପଳାଇ ଯାଇ ଅଭିଯୋଗକାରୀଙ୍କୁ ଏ ବିଷୟରେ ଜଣାଇଥିଲେ । ଯେତେବେଳେ ଅଭିଯୋଗକାରୀ ଘଟଣାସ୍ଥଳକୁ ଯାଇ ତାଙ୍କୁ ପଚରାଉଚରା କରିଥିଲେ, ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନ ନେଇଯିବାର ଧମକ ଦେଇ ହତ୍ୟା ଉଦ୍ଦେଶ୍ୟରେ ତାଙ୍କ ପଛରେ ଗୋଡ଼ାଇଥିଲେ । ଅଭିଯୋଗକାରୀ ନିଜ ଜୀବନ ବଞ୍ଚାଇବା ଲାଗି ସେଠାରୁ ଦୌଡି ପଳାଇ ଯାଇଥିଲେ ଏବଂ ଏନେଇ ଥାନାରେ ଅଭିଯୋଗ କରିଥିଲେ । ମାମଲାର ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତ ରତିକାନ୍ତ ପୃଷ୍ଟିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ କଟୁରୀଟିକୁ ଜବତ କରିଥିଲେ ।

## ମାଡ଼ମାରି ଟଙ୍କା ଛଡ଼ାଇ ନେଲେ, ୩ ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ମାଡ ମାରି ଅଟୋ ଚାଳକଙ୍କ ଠାରୁ ୫ ହଜାର ଟଙ୍କା ଛଡାଇ ନେବା ଅଭିଯୋଗରେ ଭରତପୁର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଓମ ପ୍ରସାଦ ବେହେରା, ଗୋବିନ୍ଦ ଚନ୍ଦ୍ର ବେହେରା ଓ ଆଶିଷ ସାହୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମନୋଜ ଗୌଡ ଜଣକ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ବେଳେ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି । ଗତକାଲି ଅପରାହ୍ନରେ ସେ ନିକଟସ୍ଥ ବ୍ୟାଙ୍କ ଯାଇଥିବା ବେଳେ, ବ୍ୟାଙ୍କ ବନ୍ଦ ହୋଇଯାଇଥିବା ଯୋଗୁଁ ଘରକୁ ଫେରିଆସିଥିଲେ । ଘର ନିକଟରେ ଅଟୋ ପାର୍କିଂ କରି ଘର ଭିତରକୁ ଯିବା ଲାଗି ଉଦ୍ୟତ ହେଉଥିବା ବେଳେ, ଗିରଫ ତିନି ଅଭିଯୁକ୍ତ ସେଠାରେ ପହଞ୍ଚି ହଠାତ ତାଙ୍କୁ ମାଡ ମାରିବା ସହିତ ତାଙ୍କ ନିକଟରୁ ୫,୦୦୦ ଟଙ୍କା ଜୋରଜବରଦସ୍ତ ଛଡାଇ ନେଇ ଫେରାର ହୋଇଯାଇଥିଲେ । ଅଭିଯୋଗକାରୀ ତୁରନ୍ତ ପୁଲିସ କଂଟ୍ରୋଲ ରୁମକୁ କଲ କରି ଯୋଗାଯୋଗ କରିଥିଲେ । ସୂଚନା ପାଇ ପିସିଆର ଅବିଳମ୍ବେ ଘଟଣା ସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କ ସହିତ ମିଶି ଅଭିଯୁକ୍ତ ମାନଙ୍କୁ ଖୋଜାଖୋଜି କରିଥିଲେ । କିଛି ସମୟର ବ୍ୟବଧାନ ମଧ୍ୟରେ ପିସିଆର ଟିମ ଅଭିଯୁକ୍ତମାନଙ୍କୁ ଖୋଜି ବାହାର କରିବା ସହିତ ସେମାନଙ୍କୁ କାବୁ କରି ଥାନାକୁ ଆଣିଥିଲେ । ପରବର୍ତ୍ତୀ ସମୟରେ ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଘଟଣାର ଛାନଭିନ କରି ଅଭିଯୁକ୍ତ ମାନଙ୍କ ନିକଟରୁ ୫୦୦୦ ଟଙ୍କା ଏବଂ ଏକ ଜଗ ରଡ୍ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତମାନେ ନିଜର ଦୋଷ ସ୍ୱୀକାର କରିଥିଲେ ।

### ପାଠ୍ୟପୁସ୍ତକ ତ୍ରୁଟି ମାମଲା

## ଘରୋଇ ପ୍ରକାଶନୀ ସଂସ୍ଥାର ୪ଜଣଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି

କଟକ(ନିପ୍ର): ବହୁ ଚର୍ଚ୍ଚିତ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଅଭିଯୁକ୍ତ ଥିବା ଘରୋଇ ପ୍ରକାଶନୀ ସଂସ୍ଥାର ୪ଜଣଙ୍କୁ ସାମୟିକ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ଓଡ଼ିଶା ହାଇକୋର୍ଟ । ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବାବେଳେ, ସେହି ଆବେଦନର ଶୁଣାଣି କରି ହାଇକୋର୍ଟ ସେମାନଙ୍କ ଅନ୍ତରୀଣ ସୁରକ୍ଷାକୁ ବଳବତ୍ତର ରଖିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ୪ ଅଭିଯୁକ୍ତଙ୍କ ବିରୋଧରେ କୌଣସି ବାଧ୍ୟତାମୂଳକ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । ଫଳରେ ତଦନ୍ତ ପ୍ରକ୍ରିୟା ଚାଲିଥିଲେ ମଧ୍ୟ ଅଭିଯୁକ୍ତମାନେ ଅସ୍ଥାୟୀ ଭାବେ ଆଇନଗତ ସୁରକ୍ଷା ପାଇଛନ୍ତି । ଏଥିସହ କେସ ଡାଏରୀ ଦାଖଲ କରିବାକୁ କ୍ରାଇମ ବ୍ରାଞ୍ଚକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ଦାୟିତ୍ୱ ନିର୍ଦ୍ଧାରଣ ଓ ଆଇନଗତ ପଦକ୍ଷେପ ପାଇଁ ମାମଲା ରୁଜୁ ହୋଇଥିଲା । ଏହାପରେ ମାମଲାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ । ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହରେ ହେବ ।

### ଭୁଲ୍ ଇଞ୍ଜେକ୍ସନ ନେଲା ଜୀବନ

## ସୁବର୍ଣ୍ଣପୁର ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ସୋନପୁର(ନିପ୍ର): ଯେଉଁଠି ଲୋକେ ନିଜର ପ୍ରାଣ ବଞ୍ଚାଇବା ପାଇଁ ଆଶା ନେଇ ଯାଆନ୍ତି, ସେଇଠି ଯଦି ଚିକିତ୍ସାରେ ଅବହେଳା ଯୋଗୁଁ କାହାର ଜୀବନ ଚାଲିଯାଏ, ତେବେ ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ? ଏଭଳି ଏକ ଅତ୍ୟନ୍ତ ହୃଦୟବିଦାରକ ତଥା ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି ସୁବର୍ଣ୍ଣପୁର ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରୁ । ଯେଉଁଠାରେ ଡାକ୍ତରଙ୍କ କଥିତ ଭୁଲ୍ ଇଞ୍ଜେକ୍ସନ ପ୍ରୟୋଗ ଯୋଗୁଁ ଜଣେ ନିରୀହ ଯୁବକଙ୍କର ଅକାଳ ବିୟୋଗ ଘଟିଛି । ମୃତକ ଜଣକ ହେଲେ ପାଣିସିଆଲି ଗ୍ରାମର ୪୫ ବର୍ଷୀୟ ପ୍ରଶାନ୍ତ ତ୍ରିପାଠୀ । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଶାନ୍ତ କିଛି ସାଧାରଣ ଶାରୀରିକ ସମସ୍ୟା ନେଇ ହସ୍ପିଟାଲକୁ ଆସିଥିଲେ । ଭଲ ହୋଇ ଖୁବ୍‌ଶୀଘ୍ର ଘରକୁ ଫେରିଯିବାର ଆଶା ଥିଲା, କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଏକ ଭୁଲ୍ ଇଞ୍ଜେକ୍ସନ ଦେଇଦେବା ଫଳରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା । ଆଖି ପିଛୁଳାକେ, କେହି କିଛି ବୁଝିବା ପୂର୍ବରୁ ପ୍ରଶାନ୍ତଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ପ୍ରଶାନ୍ତଙ୍କ ଅକାଳ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ପରିବାର ବର୍ଗ ଓ ସ୍ଥାନୀୟ ଲୋକେ ଡାକ୍ତରଙ୍କ ଚିକିତ୍ସା ଅବହେଳାକୁ ଦୃଢ଼ ଭାବରେ ଦାୟୀ କରି କ୍ଷୋଭ ପ୍ରକାଶ କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ଜାରି ରଖିଛି । ବର୍ତ୍ତମାନ ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ପ୍ରକୃତରେ ଏହା ଡାକ୍ତରଙ୍କର ଚିକିତ୍ସାଗତ ତ୍ରୁଟି ଥିଲା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ପୋଲିସର ନିରପେକ୍ଷ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ । ତେବେ ପ୍ରଶାନ୍ତଙ୍କ ପରି ଜଣେ ନିରୀହ ବ୍ୟକ୍ତିଙ୍କ ଏପରି ଆକସ୍ମିକ ମୃତ୍ୟୁ ସମଗ୍ର ଅଞ୍ଚଳରେ ଘୋର ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବଜ୍ରପାତରେ ଗଲା ଚାଷୀଙ୍କ ଜୀବନ

ଆନନ୍ଦପୁର: ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସୂଚନା ଅନୁଯାୟୀ, ଦୁଇଜଣ ଚାଷୀ ବିଲରେ ଧାନତଳି ରୋଉଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା । ଏଥିରେ ରମାକାନ୍ତ ବେହେରାଙ୍କ ମୃତ୍ୟୁ ଘଟିଥିବା ବେଳେ ଭଗବାନ ରାଉତ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକମାନେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ରମାକାନ୍ତ ବେହେରାଙ୍କୁ ମୃତ ଘୋଷଣା କରିଥିବା ବେଳେ ଭଗବାନ ଭୈରାଙ୍କ ଚିକିତ୍ସା ଚାଲିଛି । ଖବର ପାଇ ରାମଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ମୁଖ୍ୟମନ୍ତ୍ରୀ ବସ୍ ଭଙ୍ଗାରୁଜା: ଡ୍ରାଇଭର ଉପରେ ମରଣାନ୍ତକ ଆକ୍ରମଣକୁ ନେଇ ବସ ସେବା ଠପ୍

ତରଭା(ନିପ୍ର): ରବିବାର ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ଏକ ମୁଖ୍ୟମନ୍ତ୍ରୀ ବସ ଉପରେ ଆକ୍ରମଣ କରି ଭଙ୍ଗା ରୁଜା କରିବା ଏବଂ ଉକ୍ତ ବସର ଡ୍ରାଇଭରକୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣା ପ୍ରତିବାଦରେ ସୋମବାର ବସ ସେବା ଠପ ରହିଛି । ପୋଲିସ ସୂତ୍ରରୁ ପ୍ରକାଶ ଉକ୍ତ ଦିନ ତରଭା ବ୍ଲକ ତରଫରୁ ବସ ସେବା ପାଇଁ ନିୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀ ବସ ନମ୍ବର ଓଡି୦୩୧୪ - ୯୮୭ ବସ ଅର୍ଡାରୁ ତରଭା ଫେରୁଥିବା ସମୟରେ ବଘିଆ ଗ୍ରାମ ନିକଟରେ ବସ ଅଟକାଇ ଚାରିଜଣ ଜଣ ଲାଠି ଧରି ଅତର୍କିତ ଆକ୍ରମଣ କରି ବସର କାଚ ଭଙ୍ଗାରୁଜା କରି ଡ୍ରାଇଭର୍ ନୟନ ମହାଣାର ଉଭୟ ହାତକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଡ୍ରାଇଭରର ହାତ ଫାଟି ରକ୍ତାକ୍ତ ହୋଇ ଲହୁଲୁହାଣ ହୋଇଥିଲା । ଅବସ୍ଥା ଗୁରୁତର ହେବାରୁ ଡ୍ରାଇଭରକୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ରେଫର କରିଥିବା ଜଣାଯାଇଥିଲା । ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଥିବା ଆଇଆଇସି ଡୋଲାମଣି ନାଏକ ପ୍ରକାଶ କରିଛନ୍ତି ।



ଘଟଣା ଘଟିବାର ଚବିଶ ଘଣ୍ଟା ଅତିବାହିତ ହୋଇଯାଇଥିଲେ ସୁଦ୍ଧା କୌଣସି ଅପରାଧୀ ଧରାପଡି ନ ଥିବା ଜଣାପଡ଼ିଛି । ଏହାର ପ୍ରତିବାଦରେ ତରଭା ବ୍ଲକର ସମସ୍ତ ଚାରୋଟି ମୁଖ୍ୟମନ୍ତ୍ରୀ ବସର କର୍ମଚାରୀମାନେ କାର୍ଯ୍ୟରେ ଯୋଗ ନ ଦେବାରୁ ବସ ଚଳାଚଳ ବନ୍ଦ ରହିଛି । ଏହା ଯୋଗୁଁ ବସ ଉପରେ ନିର୍ଭର କରୁଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀମାନଙ୍କର ନାହିଁ ନ ଥିବା ଅସୁବିଧା ହେଉଛି । ଗୋଟିଏପଟେ ଅପରାଧୀମାନଙ୍କୁ ଧରିବାରେ ପୋଲିସ ହାତ ଖାଲିଥିବା ବେଳେ ଅନ୍ୟପଟେ ବସସେବା ବନ୍ଦ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ତୁରନ୍ତ ବସ ଚଳାଚଳ ଜାରି ରହୁ ।

## ନାଇଡୁ କମିସନ ରିପୋର୍ଟ ହଜିବା ମାମଲାରେ ଏସଆଇଟି ପକ୍ଷରୁ ୭ ଜଣଙ୍କୁ ନୋଟିସ୍

କଟକ(ନିପ୍ର): ବହୁ ଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନରେ ସହାୟକ ହୋଇପାରୁଥିବା ନାଇଡୁ କମିସନଙ୍କ ତଦନ୍ତ ରିପୋର୍ଟ ହଜିଯିବା ଘଟଣା ଏବେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ । ଏହି ମାମଲାର ତଦନ୍ତ କରୁଥିବା ସ୍ପେଶାଲ୍ ଇନଭେଷ୍ଟିଗେସନ୍ ଟିମ୍ ବା ଏସ୍‌ଆଇଟି ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ସୂଚନା ଅନୁସାରେ, ଏସ୍‌ଆଇଟି ଏପର୍ଯ୍ୟନ୍ତ ୭ ଜଣଙ୍କୁ ନୋଟିସ୍ ଜାରି କରିଥିବାବେଳେ ୪ ଜଣଙ୍କୁ ପଚରାଉଚରା କରିଛି । ତେବେ ଯେଉଁ ତତ୍କାଳୀନ ବରିଷ୍ଠ ଅଧିକାରୀମାନଙ୍କ ନିକଟରେ ରିପୋର୍ଟ ସମ୍ପର୍କିତ ସୂଚନା ଥାଇପାରେ ବୋଲି ଅନୁମାନ କରାଯାଉଛି, ସେମାନଙ୍କ ମଧ୍ୟରୁ କିଛି ନୋଟିସ୍ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହାଜର ହୋଇନାହାନ୍ତି । ଏହି ଘଟଣାକୁ ନେଇ ପ୍ରଶ୍ନ ଉଠୁଛି, ନାଇଡୁ କମିସନଙ୍କ ତଦନ୍ତ ରିପୋର୍ଟ କିପରି ହଜିଗଲା ? ରିପୋର୍ଟ ହଜିବା ପଛରେ କେବଳ ପ୍ରଶାସନିକ ତ୍ରୁଟି ରହିଛି, ନା ଏହା ପଛରେ କୌଣସି ବଡ଼ ଷଡଯନ୍ତ୍ର ଲୁଚି ରହିଛି ? ଏହି ସବୁ ପ୍ରଶ୍ନର ଉତ୍ତର ଖୋଜୁଛି ତଦନ୍ତକାରୀ ସଂସ୍ଥା । ଅନ୍ୟପକ୍ଷରେ, ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ବଡ଼ କିମ୍ବା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ସାମ୍ନାକୁ ଆସିନାହିଁ । ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ଘଟଣାର ସମସ୍ତ ଦିଗ ସ୍ପଷ୍ଟ ହୋଇନଥିବାରୁ ଲୋକଙ୍କ ମନରେ ସନ୍ଦେହ ଆହୁରି ବଢୁଛି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ନାଇଡୁ କମିସନ ରିପୋର୍ଟ ହଜିବା ଘଟଣା ପରସ୍ପର ସହ କେତେ ଜଡ଼ିତ, ତାହାର ସତ୍ୟତା ଉନ୍ମୋଚନ ପାଇଁ ଏବେ ଏସ୍‌ଆଇଟିର ତଦନ୍ତ ଉପରେ ସମସ୍ତଙ୍କ ନଜର ରହିଛି ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିମାନବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଜଗତ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାମୀ ମୁକୁନ୍ଦାନନ୍ଦ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଗଣ



ଶ୍ରାବଣ ପ୍ରଥମ ସୋମବାର ଲିଙ୍ଗରାଜଙ୍କ ପୀଠରେ ଶ୍ରଦ୍ଧାଳୁ ଓ କାଉଡ଼ିଆଙ୍କ ଜଳାଭିଷେକ ପାଇଁ ଭିଡ଼ (ଫଟୋ- ଦିନଲିପି)

## ବ୍ରହ୍ମପୁର ଆକାଶ ନୋ ଫ୍ଲାଇଙ୍ଗ ଜୋନ୍

ଗଞ୍ଜାମ, ୩/୮(ନିପ୍ର): ଆଜି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଆକାଶ ମାର୍ଗ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ୪ ତାରିଖ ସକାଳ ଠାରୁ ୫ ତାରିଖରେ ରାଷ୍ଟ୍ରପତି ବ୍ରହ୍ମପୁରରୁ ଫେରିବା ପର୍ଯ୍ୟନ୍ତ ବ୍ରହ୍ମପୁର ଆକାଶକୁ ନୋ ଫ୍ଲାଇଙ୍ଗ ଯୋନ୍ ଘୋଷଣା କରାଯାଇଛି। ବ୍ରହ୍ମପୁର ଏସପି ଡକ୍ଟର ସର୍ବଣା ବିବେକ ଏମ୍ ଓ ଗଞ୍ଜାମ ଜିଲ୍ଲା ଏସପି ହରିଶ ବିସି ଏହାକୁ ସୁନିଶ୍ଚିତ ନିୟନ୍ତ୍ରଣ କରିବାକୁ ଗଞ୍ଜାମ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା କାଲି ସକାଳେ ରାଷ୍ଟ୍ରପତି ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିବା ପରେ ସଡ଼କ ପଥରେ ପ୍ରାୟ ୮୦ କିଲୋମିଟର ରାସ୍ତା ଅତିକ୍ରମ କରି ତପ୍ତପାଣିରେ ପହଞ୍ଚି ଉଷ୍ଣପ୍ରସ୍ରବଣ ପାଣିରେ ସ୍ନାନକରି ମା' କନ୍ଧୁଣି ଦେବୀଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରି ପୁଣି ବ୍ରହ୍ମପୁର ଦେଇଫେରି ଗୋପାଳପୁର ଆର୍ମୀ ଏଡି କଲେଜରେ ରାତ୍ରିଯାପନ କରି ୫ ତାରିଖ ସକାଳେ ସ୍ୱତନ୍ତ୍ର ଟ୍ରେନରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ।

## ଟ୍ରାଫିକ୍ ଇନ୍ସପେକ୍ଟର ଗିରଫ

ଭୁବନେଶ୍ୱର, ୩।୮(ନିପ୍ର) ଓଡିଶା ଭିଜିଲାନ୍ସ ଟିମ୍ ସୋମବାର ସୁନ୍ଦରଗଡ଼ ଜିଲ୍ଲାରେ ଜଣେ ଟ୍ରକ ମାଲିକଙ୍କଠାରୁ ୨୦,୦୦୦ ଟଙ୍କା ଲାଞ୍ଚ ଦାବି କରିବା ଏବଂ ଗ୍ରହଣ କରିବା ସମୟରେ ମୋଟର ଯାନ ବିଭାଗର ଜଣେ ଟ୍ରାଫିକ୍ ଇନ୍ସପେକ୍ଟରଙ୍କୁ ଗିରଫ କରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ ଭିଜିଲାନ୍ସ ଅଧିକାରୀମାନେ ଏକ ଚାଲ୍ ଚଳାଇ ଟ୍ରାଫିକ୍ ଇନ୍ସପେକ୍ଟରଙ୍କୁ ଜଣେ ଟ୍ରକ୍ ମାଲିକଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ।

## ଜାତୀୟ କରାଟେ ପ୍ରତିଯୋଗିତା: ୪ଜଣଙ୍କୁ ସ୍ୱର୍ଣ୍ଣ

ନିମାପଡ଼ା, ୩।୮ (ନିପ୍ର): ନିମାପଡ଼ାସ୍ଥିତ ଅମିତ ଟାଇକୋଣ୍ଡୋ ଏକାଡ଼େମୀର ଖେଳାଳୀମାନେ ଜାତୀୟସ୍ତର କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଲାଭ କରିଥିବା ଜଣାପଡ଼ିଛି । ଚତୁର୍ଥ ଜାତୀୟସ୍ତର ପ୍ରତିଯୋଗୀତା ବିଶାଖାପାଟଣା ଠାରେ ଅନୁଷ୍ଠିତ ହୋଇଥିଲା । ଏକାଡ଼େମୀର ୪ ଜଣ ଖେଳାଳୀ ରୁଦ୍ରାଂଶୁ ବେହେରା, ଜସପ୍ରିତ୍ ମହାନ୍ତି, ସୋନମ ପ୍ରିୟଦର୍ଶିନୀ ପ୍ରଧାନ ଏବଂ ଆର.ଇସପିତା ପ୍ରିୟଦର୍ଶିନୀ ପ୍ରତ୍ୟେକେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅନୁଷ୍ଠାନ ପ୍ରଶିକ୍ଷକ ଅମିତ ରାଉତ ସୂଚନା ଦେଇଥିଲେ । ଏହି ସଫଳତା ପାଇଁ ଓଡ଼ିଶା ରୟାଲ ଏକାଡ଼େମୀ ସଭାପତି ମିମାଂଶୁ ଶେଖର ପ୍ରଧାନ, ରୂପ ରଂଜନ ବେହେରା, ସୁରେଶ ଦାଶ, ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ ସମସ୍ତ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଅଭିନନ୍ଦନ ଜଣାଇ ଥିଲେ ।

## ପାଲା ସମ୍ରାଟ ପଣ୍ଡିତ ଜଗନ୍ନାଥ ବେହେରାଙ୍କ ପରଲୋକ

ଭୁବନେଶ୍ୱର, ୩। ୮(ନିପ୍ର): ଓଡ଼ିଶାରପ୍ରାଚୀନ ଲୋକକଳା 'ପାଲା'ର ବିଶିଷ୍ଟ ସାଧକ, ପାଲା ସମ୍ରାଟ ତଥା ଶତାୟୁ ବରେଣ୍ୟ କଳାକାର ପଣ୍ଡିତ ଜଗନ୍ନାଥବେହେରାଙ୍କ ୧୦୧ ବର୍ଷରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟାଖେଳିଯାଇଛି । ସେ ଜଗତସିଂହପୁରଜିଲ୍ଲା ଏରସମା ବ୍ଲକର କଟିଜଙ୍ଗା ଗ୍ରାମର ବାସିନ୍ଦା ଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିବାବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ପାଲା ଜଗତ, ସାଂସ୍କୃତିକ ମହଲ ଏବଂ ଅସଂଖ୍ୟ ଅନୁରାଗୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି । ପଣ୍ଡିତ ଜଗନ୍ନାଥ ବେହେରା କିଶୋର ବୟସରୁ ପାଲା କଳା ସହ ଜଡ଼ିତ ହୋଇଥିଲେ।

## ୮ ତାରିଖ ଯାଏଁ ଝଡ଼, ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର,୩।୮: ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ଆଗାମୀ ୫ ଦିନ ଅର୍ଥାତ୍ ୩ ତାରିଖ ସକାଳ ଠାରୁ ଆସନ୍ତା ୮ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି । ଚେତାବନୀ ଜାରି ହୋଇଥିବା ଜିଲ୍ଲାଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ । ସେହିପରି ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ୪ ତାରିଖ ସକାଳ ଠାରୁ ୫ ତାରିଖ ସକାଳ ପର୍ଯ୍ୟନ୍ତ ୧୫ ଜିଲ୍ଲା, ୫ ତାରିଖ ସକାଳ ଠାରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ୧୯ ଜିଲ୍ଲା, ୬ ତାରିଖ ସକାଳ ଠାରୁ ୭ ତାରିଖ ସକାଳ ପର୍ଯ୍ୟନ୍ତ ୩୦ ଜିଲ୍ଲା ଏବଂ ୭ ତାରିଖ ସକାଳ ଠାରୁ ୮ ତାରିଖ ସକାଳ ପର୍ଯ୍ୟନ୍ତ ୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ଇଗ୍ନୋରେ ନୂତନ ନାମଲେଖା ଓ ପୁନଃ ପଞ୍ଜୀକରଣ ଅବଧି ଅଗଷ୍ଟ ୧୬କୁ ବୃଦ୍ଧି

ଭୁବନେଶ୍ୱର, ୩/୮(ନିପ୍ର): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଏବଂ ପୁନଃ ପଞ୍ଜିକରଣ ପ୍ରକ୍ରିୟା ର ଆରମ୍ଭ ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଂଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ



ଗ୍ରାଜୁଏଟ (ସ୍ନାତକୋତର) ପିଜି ଡିପ୍ଲୋମା, (ସ୍ନାତକୋତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ଅଗଷ୍ଟ ମାସ ୧୬ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି ।


## ଜୁଆ ଆଡ୍ଡାରେ ଚଢ଼ାଉ: ୧୫ଗିରଫ

ନବରଙ୍ଗପୁର, ୩/୮(ନିପ୍ର): ଅନେକ ଦିନ ଧରି ପୁଲିସକୁ ଚକମା ଦେଇ ଚାଲିଥିବା ଏକ ବଡ଼ ଜୁଆ ଆଡ୍ଡା ଉପରେ ଆଜି ଚଢ଼ାଉ ହୋଇଛି। ଚଢ଼ାଉରେ ୧୫ ଜୁଆଡ଼ି ଗିରଫ ହୋଇଥିବା ବେଳେ ପ୍ରାୟ ୨ଲକ୍ଷ ଟଙ୍କା ଏବଂ ୫ଟି କାର ଓ ବାଇକ୍ ଜବତ ହୋଇଛି। ନବରଙ୍ଗପୁର ଥାନାର ତାରଗାଁ ନିକଟସ୍ଥ କାଜୁ ଜଙ୍ଗଲ ମଧ୍ୟରେ ଚାଲୁଥିଲା ଜୁଆ। ଏଠାକୁ ନବରଙ୍ଗପୁର ସହର ସମେତ ଡାବୁଗାଁ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା, ଜୟପୁରରୁ ମଧ୍ୟ ଜୁଆ ଖେଳିବା ପାଇଁ ଆସିଥାନ୍ତି। ଆଜି ଚଢ଼ାଉ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି, ଏସ୍‌ପି ପାର୍ଥ କାଶ୍ୟପ ଜଗଦୀଶଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା। ଯୋଜନାବଦ୍ଧ ଭାବେ ଆଡ୍ଡାର ଚାରିପଟେ ପୁଲିସ ଘେରାବନ୍ଦୀ କରାଯାଇଥିଲା। ଏହି ଜୁଆଆଡ୍ଡାରୁ ୧୪ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧ଲକ୍ଷ ୬୬ହଜାର ୧୩୦ଟଙ୍କା, ୩ଟି ବାଇକ, ୨ଟି କାର ସହ ୧୨ଟି ମୋବାଇଲ ଫୋନ ଜବତ କରାଯାଇଛି। ଏମାନଙ୍କ ମଧ୍ୟରୁ ନବରଙ୍ଗପୁର ସହରର ୨ଜଣ, ତାରାଗାଁର ୨ଜଣ, ବଦାମୁଣ୍ଡାର ୩ଜଣ, ବୋରିଗୁମ୍ମା ଅଂଚଳର ୫ଜଣ, ଡାବୁଗାଁ, ଜୟପୁର, ଓ କେନ୍ଦୁଗୁଡାର ଜଣେ ଲେଖାଏଁ ଏଭଳି ୧୫ଜଣଙ୍କୁ ପୁଲିସ ଆଡ୍ଡାରୁ ଧରିଥିଲା।

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନକୁ ମିଳିଲା ମଞ୍ଜୁରି

ଭୁବନେଶ୍ୱର, ୩/୮(ନିପ୍ର): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆର)କୁ ଆଜି (ସୋମବାର) ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍‌ଏଲପିଏମସି) ଅନୁମୋଦିତ କରିଛି। ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ୪ଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର)କୁ ସାମିଲ କରାଯାଇଛି। ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି।

## ଓୟୁଏଟି ପିଜି ଓ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ଘୋଷଣା



ଭୁବନେଶ୍ୱର, ୩/୮(ନିପ୍ର): ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏକ ବଡ଼ ନିଷ୍ପତି ନେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ଭତ୍ତା ଘୋଷଣା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଶେଷ ପ୍ରଚେଷ୍ଟା ଯୋଗୁଁ ସରକାର ଏହି ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଦ୍ୱାରା ଗବେଷକମାନଙ୍କୁ ବଡ଼ ସହାୟତା ମିଳିବ। ପିଜି ଛାତ୍ରଛାତ୍ରୀଙ୍କୁ ୨ ବର୍ଷର କୃଷି ଓ ଆନୁଷଙ୍ଗିକ କୋର୍ସ ପାଇଁ ମାସକୁ ୧୦,୦୦୦ ଟଙ୍କା ମିଳିବ ଏବଂ ପିଏଚ୍.ଡି ଗବେଷକଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ମାସକୁ ୧୫,୦୦୦ ଟଙ୍କା ମିଳିବ। ଏହି ସହାୟତାର ମୂଳ ଲକ୍ଷ୍ୟ ହେଉଛି ଉତ୍ତମ ଗବେଷଣାକୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା।

### ||||||||||||||||| ଦିଲ୍ଲୀ ବ୍ଲୁପ୍ରିଣ୍ଟରେ ଆଗେଇବ ଓଡ଼ିଶା ବିଜେପି |||||||||||||||||

## ପଞ୍ଚାୟତ-ପୌର ଭୋଟ୍ ପାଇଁ ରଣନୀତି ପ୍ରସ୍ତୁତ



ଭୁବନେଶ୍ୱର, ୩/୮(ନିପ୍ର): ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରେ ସଂଗଠନ ବଢ଼ାଇବା ପାଇଁ ବିଜେପି କରୁଛି ବଡ଼ ରଣନୀତି । ନିର୍ବାଚନ ମଇଦାନରେ ପ୍ରତିପକ୍ଷଙ୍କୁ ଚିତ କରିବାକୁ ଯୋଜନା ପ୍ରସ୍ତୁତ କରିଛି । ଏହାରି ଭିତରେ ବିରୋଧୀଙ୍କ ଚେହେରାକୁ ଦଳକୁ ଆଣି ନିଜର ଶକ୍ତି ବଢ଼ାଇବାକୁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇଛି । ପ୍ରତିପକ୍ଷଙ୍କ ଭୋଟବ୍ୟାଙ୍କ ଶକ୍ତିକୁ ଦଳ ପାଇଁ ଅନୁକୂଳ କରିବାକୁ ଦିଲ୍ଲୀରେ ପ୍ରସ୍ତୁତ ହୋଇଛି ବ୍ଲୁପ୍ରିଣ୍ଟ । ସେହି ଆଧାରରେ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରି ପୂର୍ଣ୍ଣ ଶକ୍ତି ସହ ପଞ୍ଚାୟତ ଓ ପୌର ନିର୍ବାଚନକୁ ଓହ୍ଲାଇବାକୁ ଯୋଜନା ରଖିଛି ରାଜ୍ୟ ବିଜେପି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବାଜିମାତ ପାଇଁ ସଂଗଠନ ସୁଦୃଢ଼ କରିବା ଉପରେ ବିଜେପିର ଫୋକସ । ଏଥିପାଇଁ ଦିଲ୍ଲୀରେ ପ୍ରସ୍ତୁତ ହୋଇଛି ରଣନୀତି। ଆଉ ତାକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶାରେ ଆରମ୍ଭ ହୋଇଯାଇଛି କସରତ । ବିଜେପିରେ ସାମିଲ ହେବାକୁ ଚାହୁଁଥିବା ନେତାଙ୍କୁ ନିର୍ବାଚନ ପୂର୍ବରୁ ଦଳକୁ ଆଣି ଶକ୍ତି ବଢ଼ାଇବ ଦଳ। ତୃଣମୂଳସ୍ତରରେ ଭୋଟବ୍ୟାଙ୍କ ଥିବା ନେତାଙ୍କୁ ଦଳକୁ ଆଣିବାକୁ ଉଦ୍ୟମ କରାଯିବ । ପଞ୍ଚାୟତ ଓ ପୌର ଭୋଟ ଯେମିତି ଦଳୀୟ ଖାତାକୁ ଯିବ ତାହାର ଅଙ୍କ କଷିଛନ୍ତି ବିଜେପିର ଶୀର୍ଷ ନେତୃତ୍ୱ । ସମସ୍ତେ ଏକ ହୋଇ ଏଦିଗରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ଅବସରରେ ବିଜେପି ନେତୃତ୍ୱଙ୍କ ସହ ବିଚାରବିମର୍ଶ କରି ଆଗକୁ ପାଦ ବଢ଼ାଉଛି ଦଳ । ସରକାରକୁ ଆସିବାକୁ ଦୁଇ ବର୍ଷ ବିତିଥିଲେ ବି ଏପର୍ଯ୍ୟନ୍ତ ସବୁ ନିର୍ବାଚନ ମଣ୍ଡଳୀରେ ସଂଗଠିତ ହୋଇପାରିନି ବିଜେପି । ତେଣୁ ସଂଗଠନକୁ ମଜଭୁତ କରିବାକୁ ଲାଗିପଡ଼ିଛି ଦଳ । ସେ ଉପକୂଳ ହେଉ କି ପଶ୍ଚିମ , ଉତ୍ତର ହେଉ କି ଦକ୍ଷିଣ ଓଡ଼ିଶା। ସବୁ ଅଞ୍ଚଳରୁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ସଂଗଠନ ସହ ଯୋଡ଼ିବାକୁ ରିତିମତ ଉଦ୍ୟମ ହେଉଛି । ଏକଦା ବିଜେଡିର ଗଡ଼ ବୋଲାଉଥିବା କଟକ, ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଛାମୁଆ ନେତା ଏବେ ଶଙ୍ଖ ଛାଡ଼ି ପଦ୍ମଦଳରେ ସାମିଲ ହୋଇଛନ୍ତି । ଏହାର ସିଧା ସଳଖ ପ୍ରଭାବ ପଞ୍ଚାୟତ ଓ ପୌର ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ବିଜେପି ଆଶା ରଖିଛି । କିନ୍ତୁ ବିଜେପିର ଏହି ରଣନୀତିରେ ଲାଭ ସହ କିଛି କ୍ଷତି ମଧ୍ୟ ରହିଛି ବୋଲି କହିଛନ୍ତି ରାଜନୈତିକ ବିଶେଷଜ୍ଞ । ପଞ୍ଚାୟତ-ପୌର ଦଖଲ ପାଇଁ କେବଳ ବିଜେପି ରଣନୀତି କରିଛି ତା ନୁହେଁ। ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟ ରାଜନୈତିକ ରଣକୌଶଳ କରି ବିଜୟ ପାଇଁ ପଥ ପ୍ରସ୍ତୁତ କରୁଛନ୍ତି ।

## ଢେମ୍‌ସାକୁ ବିଶ୍ୱ ଦରବାରରେ ପହଞ୍ଚାଇଲା ଆନ୍ଧ୍ର



ଜୟପୁର, ୩/୮(ନିପ୍ର): ପୁଣି ହାତଛଡ଼ା ହେଲା କୋରାପୁଟର ଗୌରବ। ଢେମ୍‌ସାକୁ ବିଶ୍ୱ ଦରବାରରେ ପହଞ୍ଚାଇଲା ଆନ୍ଧ୍ର, ନିଜ ଐତିହ୍ୟକୁ ନେଇ ପୁଣି ନୀରବ ରହିଲା ଓଡ଼ିଶା। ଇତିହାସ ବୋଧହୁଏ ପୁଣି ନିଜକୁ ଦୋହରାଉଛି। ଯେଉଁ ଲୋକନୃତ୍ୟକୁ କୋରାପୁଟର ଆଦିବାସୀ ଜୀବନର ଅବିଚ୍ଛିନ୍ନ ଅଂଶ ବୋଲି ଅନେକ ଗବେଷଣା ଓ ଲୋକପରମ୍ପରା ଦର୍ଶାଉଛି, ସେହି ଢେମ୍‌ସା ଆଜି ବିଶ୍ୱ ମଞ୍ଚରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ପରିଚୟ ଭାବେ ଚର୍ଚ୍ଚାରେ। ଭୋଗାପୁରମ ବିମାନବନ୍ଦର ଉଦ୍ଘାଟନ ଅବସରରେ ୧୩ ହଜାରରୁ ଅଧିକ ମହିଳାଙ୍କ ଢେମ୍ସା ନୃତ୍ୟ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ସଫଳତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହା ସହ ଓଡ଼ିଶା ପାଇଁ ଏକ ଅସ୍ୱାସ୍ଥ୍ୟକର ପ୍ରଶ୍ନ ମଧ୍ୟ ଛାଡ଼ି ଯାଇଛି ନିଜ ସଂସ୍କୃତିକୁ ବିଶ୍ୱ ସାମ୍ନାରେ ଉପସ୍ଥାପନ କରିବାରେ ଆମେ ବାରମ୍ବାର କାହିଁକି ବିଫଳ ହେଉଛୁ। କାର୍ଯ୍ୟକ୍ରମରେ ବ୍ୟବହୃତ ଗୀତ କୋରାପୁଟିଆ ଦେଶିଆ ଓଡ଼ିଆ ଭାଷାର। ନୃତ୍ୟର ମୂଳକୁ ନେଇ ମଧ୍ୟ ଅନେକ ଗବେଷକ କୋରାପୁଟକୁ ଉଲ୍ଲେଖ କରିଛନ୍ତି। ତଥାପି ସମଗ୍ର ଆୟୋଜନର ସରକାରୀ ପ୍ରଚାରରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ପରିଚୟକୁ ଆଗରେ ରଖାଯାଇଥିବାରୁ ସୋସିଆଲ ମିଡିଆରେ ଅନେକେ ପ୍ରଶ୍ନ କରିଛନ୍ତି କୋରାପୁଟର ଐତିହ୍ୟକୁ ଯଥାଯଥ ସ୍ୱୀକୃତି କେଉଁଠି ?

## ବଳାତ୍କାର ମାମଲାର ଶୁଣାଣି ପାଇଁ 'ସୁପ୍ରିମ' ନିର୍ଦ୍ଦେଶାବଳୀ

### 'ଯୌନ ଆକ୍ରମଣ' ଭଳି ନିରପେକ୍ଷ ଶବ୍ଦ ବ୍ୟବହାର ଉଚିତ

ନୂଆଦିଲ୍ଲୀ,୩।୮: ଯୌନ ଅପରାଧ ସହିତ ଜଡିତ ରାୟଗୁଡ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ବଞ୍ଚିଥିବା ବ୍ୟକ୍ତି-କେନ୍ଦ୍ରିକ ହେବା ଆବଶ୍ୟକ। ସୁପ୍ରିମକୋର୍ଟ ସୋମବାର ସୂଚିତ କରିଛନ୍ତି, ଏ ସଂକ୍ରାନ୍ତରେ ଏକ ବିଶେଷଜ୍ଞ କମିଟି ଦ୍ୱାରା ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ବିଚାରପତିମାନେ 'ପ୍ରୋସିକ୍ୟୁଟ୍ରିକ୍ସ', 'ଅସହାୟ ମହିଳା', 'ତାଙ୍କ ସତୀତ୍ୱ ହରାଇଛନ୍ତି' ଏବଂ 'ତାଙ୍କ ଭଦ୍ରତାକୁ ଆଘାତ କରିଛନ୍ତି' ଭଳି ଅଭିବ୍ୟକ୍ତିକୁ ଏଡାଇବା ଉଚିତ। ଏହା ବଦଳରେ, କୋର୍ଟଗୁଡ଼ିକ 'ପୀଡିତ', 'ବଞ୍ଚିତ ବ୍ୟକ୍ତି', 'ଅଭିଯୋଗକାରୀ', 'ଶାରୀରିକ ସ୍ୱାୟତ୍ତତା' ଏବଂ 'ଯୌନ ଆକ୍ରମଣ' ଭଳି ନିରପେକ୍ଷ ଶବ୍ଦ ବ୍ୟବହାର କରିବା ଉଚିତ। ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅନିରୁଦ୍ଧ ବୋଷଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ଏକ ରିପୋର୍ଟରେ ଏପରି କୁହାଯାଇଛି।

### ଏମକେସିଜି ପେପର ଲିକ୍ ଘଟଣା

## ତଦନ୍ତ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୩।୮:ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ପିଜି ଶେଷ ବର୍ଷ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ତଦନ୍ତ କରିବ କ୍ରାଇମବ୍ରାଞ୍ଚ । ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି । କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ ଏହି ମାମଲାର ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ । ପ୍ରଶ୍ନପତ୍ର ଲିକ୍ କିମ୍ବା ଭାଇରାଲ ହେବା ପଛରେ କେଉଁମାନଙ୍କ ହାତ ରହିଛି ଏବଂ ଏହା କେଉଁଠାରୁ ଆରମ୍ଭ ହୋଇଥିଲା ସେନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ବର୍ତ୍ତମାନ ଘଟଣାର ପ୍ରାଥମିକ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଓ ଖୋଳତାଡ଼ ଜାରି ରହିଛି। ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସୂଚନା ଥାଉ କି ଗତ ଜୁଲାଇ ୨୧ ତାରିଖରୁ ଏମକେସିଜି ମେଡିକାଲ କଲେଜରେ ପିଜି ଶେଷ ବର୍ଷ ପରୀକ୍ଷା ଆରମ୍ଭ ହୋଇଥିଲା। ତେବେ ପରୀକ୍ଷା ଚାଲିଥିବା ବେଳେ ଜୁଲାଇ ୨୭ ତାରିଖରେ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଖବର ଜଣାପଡ଼ିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଚର୍ଚ୍ଚାର ବିଷୟ ପାଲଟିଥିଲା ।

## ମହାପ୍ରଭୁଙ୍କ ଦର୍ଶନପାଇଁ ନାଟମଣ୍ଡପକୁ କରାଗଲା ଶୀତତାପ ନିୟନ୍ତ୍ରିତ

ପୁରୀ, ୩/୮(ନିପ୍ର): ଏଣିକି ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ବେଶ୍ ଆରାମଦାୟକ ହେବ। ଶ୍ରୀମନ୍ଦିର ନାଟମଣ୍ଡପରେ ପ୍ରବଳ ଗରମରୁ ଭକ୍ତଙ୍କୁ ରକ୍ଷା ଦେବାପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ମୋଟ ଚାରିଟି ଏସି ନାଟମଣ୍ଡପରେ ଲଗାଯାଇଛି। ଫଳରେ ମହାପ୍ରଭୁଙ୍କ ଦର୍ଶନ କରିବାପାଇଁ ଯାଉଥିବା ଭକ୍ତ ଆଉ ପ୍ରବଳ ଗରମ ଅନୁଭବ କରିବେ ନାହିଁ। ପୂର୍ବରୁ ଭକ୍ତମାନେ ଦର୍ଶନ କରିବା ପାଇଁ ଯାଉଥିବା ବେଳେ ନାଟମଣ୍ଡପରେ ପ୍ରବଳ ଗରମ ଯୋଗୁଁ ଅନେକ ସମୟରେ ଭକ୍ତମାନେ ବେହୋସ୍ ହୋଇପଡ଼ିବାର ନଜର ରହିଛି। ଅନେକ ସମୟରେ ମଧ୍ୟ ପ୍ରବଳ ଗରମ ଯୋଗୁଁ ଭକ୍ତମାନେ ବାନ୍ତି କରିଦିଅନ୍ତି। ଯାହାଫଳରେ ଅନେକ ସମୟରେ ମହାପ୍ରଭୁଙ୍କର ନୀତି କାନ୍ତିରେ ବାଧାସୃଷ୍ଟି ହେଉଥିଲା। ତେବେ ଏହି ସବୁ ସମସ୍ୟାର ସମାଧାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଛି। ସେହିପରି ରଥଯାତ୍ରା ସମୟରେ ଶ୍ରୀମନ୍ଦିରର ଆବଶ୍ୟକ ସଂରକ୍ଷଣ ଏବଂ ଯାଞ୍ଚ କାର୍ଯ୍ୟ ମଧ୍ୟ ଏଏସଆଇ ପକ୍ଷରୁ କରାଯାଇଛି। ଏଏସଆଇ ସହିତ ଯୁଗ୍ମ ବୈଷୟିକ କମିଟି ଦ୍ୱାରା ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ଓ ଜଗମୋହନର ଯାଞ୍ଚ ସହିତ ସଂରକ୍ଷିତ କାର୍ଯ୍ୟ କରାଯାଇଛି। ନାଟମଣ୍ଡପର କିଛି ଯାଗାରେ ଚଟାଣ ଅସମତଳ ଥିବାରୁ ନୂଆ ପଥରରେ ସମତଳ



କରାଯାଇଛି। ତେବେ ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯାଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ଜଗନ୍ନାଥ ପ୍ରେମୀ। ହେଲେ ଏବେ ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯାଇଥିବାରୁ ଏହି ସମସ୍ୟା ଆଉ ରହିବ ନାହିଁ। ତେବେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ। ମହାପ୍ରଭୁ ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିରକୁ ଯିବା ପାଇଁ ଭକ୍ତଙ୍କ ପାଇଁ ଖୋଲାଯାଉ। ମହାପ୍ରଭୁଙ୍କ ଜନ୍ମସ୍ଥାନକୁ ଦେଖି ନ ପାରି ଅନେକ ଭକ୍ତ ନିରାଶ ମନରେ ଫେରୁଛନ୍ତି। ମହାପ୍ରଭୁଙ୍କ ଜନ୍ମସ୍ଥାନ ଗୁଣ୍ଡିଚା ମନ୍ଦିରର ସବୁ ମରାମତି ଓ ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଏଣୁ ଆଉ ବିଳମ୍ବ କରାନଯାଇ ଭକ୍ତଙ୍କ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଖୋଲି ଦିଆଯାଉ। ଶୃଙ୍ଖଳିତ ଦର୍ଶନ ପାଇଁ ଟିକେଟ ବ୍ୟବସ୍ଥା କରାଯାଉ ଶ୍ରୀମନ୍ଦିରକୁ ଭକ୍ତମାନଙ୍କ ଆଗମନ ପ୍ରତିଦିନ ବୃଦ୍ଧି ପାଉଥିବା ବେଳେ ଶ୍ରୀମନ୍ଦିର ଭିତରେ ଆଜି ପର୍ଯ୍ୟନ୍ତ ଶୃଙ୍ଖଳିତ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଯାହାଫଳରେ ପ୍ରବଳ ଭିଡ଼ ଯୋଗୁଁ ଠେଲାପେଲା ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ସମୟରେ ତଳେ ପଡ଼ି ଭକ୍ତ ମଧ୍ୟ ଆହତ ହେଉଛନ୍ତି। ପ୍ରବଳ ଭିଡ଼ ଏବଂ ଠେଲାପେଲା ଯୋଗୁଁ ତଳେ ପଡ଼ିଯିବା ଭୟରେ ବରିଷ୍ଠ ନାଗରିକ, ମହିଳା ଏବଂ ଛୋଟ ପିଲା ଦର୍ଶନ କରିବା ପାଇଁ ଯାଉନାହାନ୍ତି। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନଥିବାରୁ ଅନେକ ଭକ୍ତ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଏଣୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ଜଗନ୍ନାଥ ପ୍ରେମୀ ଦାବି କରିଛନ୍ତି।

**IN THE COURT OF CIVIL JUDGE SENIOR DIVISION PIPILI**

CIVIL SUIT NO. 09/2020

Sita Ojha and Another ........ Plaintiff

-Versus-

Lingaraj Ojha & Others .................Defendants

**SUMMONS FOR DISPOSAL OF SUIT U/O-05 RULE-20 C.P.C**

To

5. National Institute for social development and information sciences, having its Regd. Office at 435, Old Station Square, Bhubaneswar, PO- Budheswori, PS- Laxmlsagar, Dist- Khordha, PIN- 751006, represented through its Secretary, Dr. Ajaya Kumar Mishra, aged about 65 years, S/O: Late Janardan Mishra, resident of Plot No. 1992, Jayadurga Nagar, P.S- Laxmisagar, Bhubaneswar Dist- Khordha.

Whereas the Plaintiffs have instituted a suit against you for declaration of title, cancellation of sale deed, partition and permanent injunction valued at Rs. 1,50,000/-. You are hereby summoned to appear in this Court in person on the or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions on the 20th August day of 2026 at 11 AM 0' Clock in the Fore Noon to answer the claim and you are directed to produce on that day all the documents upon which you are intended to rely in support of your defence.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this 15th day of July of 2026

*Sd/- Civil Judge Senior Division, Pipili*

**SCHEDULE OF PROPERTY**

DIST- PLJRI, TAHASIL- PIPLI, PS-PIPLI, PS No.75, MOUZA-BILIPADA, HAL KHATA NO. 190, CHAKA NO. 68, PLOT NO.100, AC.0.42 dec. bounded by East- Plot No. 101, West - Plot Nó-104, North- Plot No- 99, South- plot No-102

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ